## ସଂକ୍ଷେପରେ

### ବିଶ୍ୱ କର୍କଟ ଦିବସ ପାଳିତ

ବିରିଡି, ୫।୨(ଡି.ଏନ.ଏ): ବିରିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ କର୍କଟ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ଡା. ସୌମ୍ୟରଞ୍ଜନ ମହାନ୍ତି ଯୋଗଦେଇ କର୍କଟର ପ୍ରକାର ଭେଦ, ପ୍ରାଥମିକ ଲକ୍ଷଣ, ଚିହ୍ନଟ ପ୍ରକ୍ରିୟା ଓ ଚିକିତ୍ସା ସମ୍ବନ୍ଧରେ ବୁଝାଇଥିଲେ। ବର୍ତ୍ତମାନର ଜୀବନଶୈଳ, ଖାଦ୍ୟପେୟ, ନିୟମିତ ଶାରୀରିକ ପରିଶ୍ରମ ପ୍ରତି ସଚେତନ ହେବାକୁ ଗୁରୁତ୍ୱ ଦିଆଯାଇଥିଲା। ତୃଣମୂଳସ୍ତରରୁ ଏହି ବାର୍ତ୍ତା ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀଙ୍କ ଦ୍ୱାରା ପ୍ରଚାର ପ୍ରସାର କରାଗଲେ ଦିବସର ଉପଲବ୍ଧି ହୋଇପାରିବ ବୋଲି ଡା. ମହାନ୍ତି ମତବ୍ୟକ୍ତ କରିଥିଲେ। ସରକାରଙ୍କ ପକ୍ଷରୁ ମିଳିଥିବା ମାଗଣା ସୁବିଧା ଲୋକମାନେ ଗ୍ରହଣ କରିବା ଆବଶ୍ୟକ ବୋଲି ସଭାରେ କୁହାଯାଇଥିଲା। ଏ ସମ୍ବନ୍ଧରେ ଦସ୍ତଖତ ଅଭିଯାନ ମଧ କରାଯାଇଥିଲା। କାର୍ଯ୍ୟକ୍ରମରେ ଡା. ଇତିଶ୍ରୀ ଦାସ, ବିପିଏମ ସ୍ମିତିରେଖା ମହାନ୍ତି, ପିଏଚଇଓ ଭବାନୀଶଙ୍କର ହାଲଦାର, ମହିଳାପୁରୁଷ, ସୁପରଭାଇଜର, ସ୍ୱାସ୍ଥ୍ୟକର୍ମୀ ଓ ଆଶାକର୍ମୀ ଅଂଶଗ୍ରହଣ କରିଥିଲେ।

### ପ୍ରାଧାପକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିରିଡି/ବାଲିଆ,୫।୨(ଡି.ଏନ.ଏ): ବିରିଡ଼ି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବିଭାଗୀୟ ପ୍ରାଧାପକ ଡ. ପ୍ରଶାନ୍ତ କିଶୋର ପରିଡାଙ୍କୁ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧକ୍ଷ ଡ. ବିଶ୍ୱଜିତ ରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତାଭାବେ ଯୁକ୍ତ ୨ର ଅଧକ୍ଷ ଡ. ରୁଦ୍ରନାରାୟଣ ମହାନ୍ତି, ସମ୍ମାନିତ ଅତିଥି ପ୍ରାଧାପକ ଭରତ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଅଧାପକ ଡ. ଜ୍ୟୋତି ପ୍ରକାଶ ସାମନ୍ତରାୟ ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ଛାତ୍ରୀଛାତ୍ର ଯୋଗଦେଇ ପ୍ରାଧାପକଙ୍କ ଅବସରକାଳୀନ ଜୀବନ ସୁଖ ଶାନ୍ତି ମୟ ହେବାକୁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅଧକ୍ଷ ଓ ପ୍ରାଧାପକ, ଅଧାପକମାନେ ଡା. ପରିଡାଙ୍କୁ ପୁର୍ନବାର ଆସି ପିଲାଙ୍କୁ ପଢାଇବାକୁ ଅନୁରୋଧ କରିଥିଲେ। ପ୍ରାଧାପକ ଡ. ପରିଡା ତାଙ୍କ ବକ୍ତବ୍ୟରେ ମହାବିଦ୍ୟାଳୟ ଅଧକ୍ଷ, ପ୍ରାଧାପକ, ଅଧାପିକାଅଧାପକ ଓ ଛାତ୍ରୀଛାତ୍ର ମୋତେ ଏତେ ସ୍ନେହ ଶ୍ରଦ୍ଧା ଦେଇଛନ୍ତି ଯେ, ମୁଁ କେବେ ଭୁଲି ପାରିବି ନାହିଁ ବୋଲି କହିଥିଲେ। ରାଜନୀତି ବିଜ୍ଞାନ ପକ୍ଷରୁ ପରିଡାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ପତ୍ରିକା 'ଆମ ସାର୍'କୁ ଅତିଥି ଉନ୍ମୋଚିତ କରିଥିଲେ। ପୁରାତନ ଛାତ୍ର ନେତା ଦୁଷ୍ମନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

### ଗାଁ ମୁରବିଙ୍କ ପରଲୋକ



କୁଜଙ୍ଗ,୫।୨(ଡି.ଏନ.ଏ.): କୁଜଙ୍ଗ ବ୍ଲକ ଅଧୀନ ବାଗୋଇ ପଞ୍ଚାୟତ ଷଣ୍ଢପୁର ଗ୍ରାମର ମୁରବି ବ୍ରହ୍ମାନନ୍ଦ ପରିଡା(୯୫)ଙ୍କ ବୁଧବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବ୍ଲକ ଅଧକ୍ଷ ସ୍ମିତିରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ସାମାଜିକ କର୍ମୀ ବୈଷ୍ଣବ ଦାସ, ଶୁଭ୍ରକାନ୍ତ ସାମନ୍ତରାୟ, ପ୍ରକାଶ ପରିଡା, ତପନ ସାମନ୍ତରାୟ, ବିଶିଷ୍ଟ ଶ୍ରମିକନେତା ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ଓକିଲ ଭାରତ ଭୂଷଣ ଦାସ, କୁଜଙ୍ଗ ସରପଞ୍ଚ ଭାରତ ଭୂଷଣ ନାୟକ, ବିଧାୟକଙ୍କ ବ୍ଲକ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଶିକ୍ଷାବିତ ବାସୁଦେବ ସ୍ୱାଇଁ, ଶୈଳେନ୍ଦ୍ର ସ୍ୱାଇଁ, ପ୍ରହ୍ଲାଦ ସ୍ୱାଇଁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଶଙ୍କାଳି, ଚିନୁ, ଟୁନୁ ଓ ଗୁନୁଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# 'ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚୁ'

**ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ**

- ଛପଡ଼ାରେ ରେଲୱେ ଓଭରବ୍ରିଜ ଖୁବ୍‌ଶୀଘ୍ର
- ବିଭାଗୀୟ କର୍ମକର୍ତ୍ତା ସହମତି ଭିତ୍ତିରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

ଜଗତ୍‌ସିଂହପୁର ଅଫିସ୍, ୫।୨



ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଓ ଅନ୍ୟ ଅଧିକାରୀ ଉପସ୍ଥିତ।

ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିବା ଯୋଜନାଗୁଡିକ ଲୋକଙ୍କ ନିକଟରେ ପହଞ୍ଚିବା ଦରକାର। ଏଥିରୁ ଯେପରି କେହି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ। ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକରେ ଏକଥା କୁହାଯାଇଛି। ବୈଠକରେ ଜଳସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, କୌଣସି ସାଧାରଣ ଲୋକଙ୍କୁ ତାଙ୍କ ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ କରାଯିବା ଉଚିତ ନୁହେଁ। କିଛି କ୍ଷେତ୍ରୀୟ ଅଧିକାରୀଙ୍କ ଅବହେଳା ଯୋଗୁ କେଉଁଠି ନା କେଉଁଠି କାର୍ଯ୍ୟରେ ସମସ୍ୟା ରହୁଛି। ସରକାରୀ କର୍ମଚାରୀ ସେମାନଙ୍କ ଉତ୍ତରଦାୟିତ୍ୱ ଠିକ ଭାବେ ନିର୍ବାହ କରୁନାହାନ୍ତି। ତେଣୁ ପ୍ରତ୍ୟେକେ ଏଥିପ୍ରତି ଦାୟିତ୍ୱବାନ ହେବାକୁ ପଡିବ। ଏଥିସହ ବିଭାଗୀୟ କର୍ମକର୍ତ୍ତାମାନେ ସହମତି ଭିତ୍ତିରେ କାର୍ଯ୍ୟ କଲେ ସବୁ ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ। ମୋ ସରକାର ଚଳାଇବା ଦାୟିତ୍ୱ ସରକାରୀ କଳର ବୋଲି ମନ୍ତ୍ରୀ କହିଥିଲେ। ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ ଅନେକ ବିକାଶ ହୋଇଛି। ସମସ୍ତ ଅଧିକାରୀ ଓ କର୍ମଚାରୀ ଟିମ୍ ୱାର୍କର ବିକାଶ ଧାରାକୁ ତ୍ୱରାନ୍ୱିତ କରିପାରିଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ମନ୍ତ୍ରୀ ମତ ରଖିଥିଲେ।

ବୈଠକରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଜାତୀୟ ରାଜପଥ(ଏନ୍‌ଏଚ୍)-୫୫ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। କନ୍ଦରପୁର ଓ ଛପଡ଼ାଠାରେ ଜାତୀୟ ରାଜପଥ ଉପରେ ରେଳ ବିଭାଗ ପକ୍ଷରୁ ୨ଟି ଓଭରବ୍ରିଜ୍ ନିର୍ମାଣ କରାଯିବ। ସେଥିମଧ୍ୟରେ ଛପଡ଼ାରେ ଓଭରବ୍ରିଜ୍‌ର ରୂପରେଖ ଆପାତତଃ ଚୂଡାନ୍ତ ହୋଇଯାଇଛି। ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ପକ୍ଷରୁ ଏନ୍‌ଏଚ୍ କର୍ତ୍ତୃପକ୍ଷଙ୍କୁ ସ୍କେଚ୍ ମ୍ୟାପ୍ ପ୍ରଦାନ କରାଯାଇଛି। ଏନ୍‌ଏଚ୍ କର୍ତ୍ତୃପକ୍ଷ ଅନୁମୋଦନ କଲାପରେ ଟେଣ୍ଡର ହେବ। ତଥାପି ଟେଣ୍ଡର ୧ ମାସ ଭିତରେ ହେବାର ସମ୍ଭାବନା ଥିବା କୁହାଯାଉଛି। ଏହାବାଦ୍ ବୈଠକରେ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଯଥା: ପ୍ରଧାନମନ୍ତ୍ରୀ ଆବାସ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି, ଆମ ଗାଁ ଆମ ବିକାଶ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ, ପାନୀୟ ଜଳ ଯୋଗାଣ, ପାଇପ ମାଧ୍ୟମରେ ଜଳ ଯୋଗାଣ ପ୍ରକଳ୍ପ, କଂକ୍ରିଟ ରାସ୍ତା, ଆଦର୍ଶ ବିଦ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ ନିର୍ମାଣ, କଣିଆଠାରୁ ମାଛଗାଁ ରାସ୍ତା ନିର୍ମାଣ, ଜଳସମ୍ପଦ, ଡ୍ରେନେଜ୍, ସାଧାରଣ ବଣ୍ଟନ, ଏରସମାରେ ଜଙ୍ଗଲ କିସମ ଜମିରେ ରହୁଥିବା ଲୋକଙ୍କ ସମସ୍ୟାର ସମାଧାନ, ଫନୀ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ, ଓଡ଼ିଶା ଜୀବିକା ମିଶନ ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଶକ୍ତୀକରଣ, ଡିଡିୟୁଜିକେୱାଇ ଉପରେ ଆଲୋଚନା ହୋଇଥିଲା। ଜିଲାରେ ମିଲ୍‌ର ସମସ୍ୟାର ସମାଧାନ, ପାଣି ପଞ୍ଚାୟତ, ରାଶନ କାର୍ଡ, ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନ ସମସ୍ତ ବିଦ୍ୟାଳୟରେ ବାଳିକାଙ୍କ ନିମନ୍ତେ ଶୌଚାଳୟ ନିର୍ମାଣ, ଧାନ ମଣ୍ଡି, ବାଲିକୁଦା ଏମ୍‌ସିଏଚ୍ ବିଲଡିଂର ମରାମତି, ସ୍ୱାସ୍ଥ୍ୟ ବିଭାଗର କ୍ୱାର୍ଟର ନିର୍ମାଣ ଓ ସଏଲ ହେଲ୍‌ଥ କାର୍ଡ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ବୈଠକରେ ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳ, ଉପସଭାପତି ଲିଙ୍ଗରାଜ ସ୍ୱାଇଁ, ଏରସମା ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ବାଲିକୁଦା ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲା ପରିଷଦ ସଦସ୍ୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଶ୍ୱନାଥ ମିଶ୍ର, ଜିଲାସ୍ତରୀୟ ଅଧିକାରୀ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଜିପ୍‌ସମ ପରିବହନକୁ ନେଇ ଚାଲିଥିବା ଧାରଣା ପ୍ରତ୍ୟାହୃତ

ପାରାଦୀପ,୫।୨(ସ୍ୱ.ପ୍ର.): ପିପିଏଲ୍ କାରଖାନାର ବର୍ଜ୍ୟବସ୍ତୁ ଜିପସମ୍‌କୁ ପାରାଦୀପର ୩ଟି ଟ୍ରକ ମାଲିକ ସଂଘ ୩୦ ପ୍ରତିଶତ ପରିବହନ କରିବା ଦାବିରେ ଦେଇଥିବା ଧାରଣା ମଙ୍ଗଳବାର ମଧ୍ୟରାତ୍ରିରୁ ପ୍ରତ୍ୟାହୃତ ହୋଇଛି। ଏହାର ସମାଧାନ ପାଇଁ ୩ ସଂଘ କୋର୍ଟଙ୍କ ଦ୍ୱାରସ୍ଥ ହେବେ। ଏନେଇ ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ ପ୍ରକୋଷ୍ଠରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ପିପିଏଲ୍ କମ୍ପାନୀ, ୩ଟି ଟ୍ରକ୍ ମାଲିକ ସଂଘର ପ୍ରତିନିଧି ଓ ଏଡିଏମ୍ କାହ୍ନୁଚରଣ ଧୀର ଆଲୋଚନାରେ ଯୋଗ ଦେଇଥିଲେ। ଟ୍ରକ୍ ମାଲିକ ସଂଘ ୨୦୧୪ର ଚୁକ୍ତି ସମ୍ପର୍କରେ ଯେଉଁ ସବୁ ଅଭିଯୋଗ ଆଣିଥିଲା କମ୍ପାନୀ ପ୍ରତିନିଧି ତଥ୍ୟ ସହ ସେ ସବୁର ଉତ୍ତର ରଖିଥିଲେ। ଅନେକ ସମୟ ଧରି ଆଲୋଚନା ହେବାପରେ ମଧ କୌଣସି ନିଷ୍କର୍ଷ ବାହାରି ପାରି ନ ଥିଲା। ଫଳରେ ଏହି ବୈଠକ ବିଫଳ ହୋଇଥିଲା। ଶେଷରେ ଟ୍ରକ୍ ମାଲିକ ସଂଘର ପ୍ରତିନିଧି କହିଥିଲେ, ସେମାନେ କୋର୍ଟଙ୍କ ଆଶ୍ରୟ ନେବେ ଏବଂ ଧାରଣାରୁ ଓହରିଯିବେ।

### ବିଶ୍ୱଶାନ୍ତି ମହାଯଜ୍ଞ

ବିରିଡି,୫।୨(ଡି.ଏନ.ଏ.)

ବିରିଡ଼ି ବ୍ଲକ ଅନ୍ତର୍ଗତ ଅଡ଼ଙ୍ଗ ମଜୁରାଇସ୍ଥିତ ମା'ସୁଭଦ୍ରାଙ୍କ ଦାରୁସ୍ଥଳ ନୀଳକଣ୍ଠେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଅଷ୍ଟମପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ମଙ୍ଗଳବାର କଳସଯାତ୍ରା, ଅଗ୍ନିସ୍ଥାପନ କରାଯାଇଥିଲା। ବୁଧବାର ଭଗବତ ପାଠ, ଗୁରୁବାର ଶତରୁଦ୍ର ଓ ସପ୍ତଶତୀଚଣ୍ଡୀ ପାଠ, ଶୁକ୍ରବାର ରାମ ସହସ୍ରନାମ ଓ ଶନିବାର ଶିବ ସହସ୍ର ନାମ ଏବଂ ପୂର୍ଣ୍ଣାହୁତି ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ତଦନ୍ତ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ତିର୍ତ୍ତୋଲ,୫।୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତରେ ଆବାସ ଯୋଜନା ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତା ହେଉଥିବା ଅଭିଯୋଗ ହୋଇଛି। ବୁଧବାର ପଞ୍ଚାୟତର ଶତାଧିକ ମହିଳାପୁରୁଷ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ରଞ୍ଜନ ପରିଡାଙ୍କ ନିକଟରେ ଏପରି ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ବହୁ ଗରିବ ଲୋକଙ୍କୁ ଆବାସ ଯୋଜନାରୁ ବାଦ ଦିଆଯାଇଛି। ପଞ୍ଚାୟତର ଯେଉଁ ଉନ୍ନୟନ ମୂଳକ କାର୍ଯ୍ୟକରାଯାଉଛି ତାହା ନିମ୍ନମାନର ହେଉଛି। ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରୁ ବହୁ ଦିନ ମଜୁରିଆ ବଞ୍ଚିତ ହୋଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ପାତର ଅନ୍ତର କରାଯାଉଛି। ତେଣୁ ଏହାର ତଦନ୍ତ କରାଯାଇ ଯୋଗ୍ୟ ବ୍ୟକ୍ତିଙ୍କୁ ଯୋଜନାରେ ସାମଲ କରାଯାଉ। ଏନେଇ ଏକ ୮ ଦଫା ଦାବିପତ୍ର ଜିଲାପାଳଙ୍କ ଉଦେଶ୍ୟରେ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନବେଳେ ଭାସ୍କର ଚନ୍ଦ୍ର ନାୟକ, ନିରଞ୍ଜନ ଦାସ, ପୂର୍ବତନ ବ୍ଲକ ବିଜେଡି ସଭାପତି ଅଶୋକ ରାଉତ, ଦେବବ୍ରତ ମହାନ୍ତି, ପ୍ରବୋଧ କାନୁନ୍‌ଗୋ, ଧ୍ରୁବ ଖଟୁଆଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ଥିଲେ।



ବିଡିଓଙ୍କୁ ଅଭିଯୋଗ ଜଣାଉଛନ୍ତି ପଞ୍ଚାୟତବାସୀ।

## ସାରଳା ଦାସଙ୍କ ଶ୍ରାଦ୍ଧ ଉତ୍ସବ



ମହାବିଦ୍ୟାଳୟ ମୁଖପତ୍ର 'ଦ୍ୱା-ସୁପର୍ଣ୍ଣା'କୁ ଅତିଥି ଉନ୍ମୋଚନ କରୁଛନ୍ତି।

ତିର୍ତ୍ତୋଲ,୫।୨(ଡି.ଏନ.ଏ.): ମାଟିର ମହାକବି ଶୂଦ୍ରମୁନି ସାରଳା ଦାସଙ୍କ ଶ୍ରାଦ୍ଧ ଉତ୍ସବ ଓ ତିର୍ତ୍ତୋଲ କଲେଜ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଜ୍ଞାନଜ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ଅଧିକାରୀ ତଥା ସୁସାହିତ୍ୟିକ ଓ ଗବେଷକ ଡ. ହରିହର କାନୁନ୍‌ଗୋ ଯୋଗଦେଇ ସାରଳା ସାହିତ୍ୟରେ ଶ୍ରୀଜଗନ୍ନାଥ ଚେତନା ଉପରେ ଚିତ୍ରପ୍ରଦର୍ଶନ କରି ବକ୍ତବ୍ୟ ଉପସ୍ଥାପନ କରିଥିଲେ। ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଫେସର ଡ. ମଣିନ୍ଦ୍ର କୁମାର ମେହେର, ଗ୍ରନ୍ଥକାର ପ୍ରଫେସର ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ସାରଳା ମହାଭାରତ ଓଡ଼ିଆ ଜାତିର ଜୀବନ ବେଦ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ମୁଖପତ୍ର 'ଦ୍ୱା-ସୁପର୍ଣ୍ଣା'କୁ ଅତିଥି ଉନ୍ମୋଚନ କରିଥିଲେ। ଓଡ଼ିଆ ସାହିତ୍ୟ ସମାଜର ଉପସଭାପତି ଡ. ସୁରଞ୍ଜନ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ସାଗରିକା ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ଡ. ଅଶୋକ ରାଉତ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଦତ୍ତ ସ୍ମାରକୀ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧାପକ ସୁମନ୍ତ ଭୋଇ, ଅଧାପକ ରତ୍ନପଦ ମହାନ୍ତି, ସନାତନ ଲେଙ୍କା, ଜ୍ୟୋତିର୍ମୟ ମହାପାତ୍ର, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ଝଙ୍କଡ଼ ଅଧିଷ୍ଠାତ୍ରୀ ଦେବୀ ମା'ଶାରଳା ମନ୍ଦିର ପରିସରରେ ଥିବା ଆଦିକବି ସାରଳା ଦାସଙ୍କ ପ୍ରତିକୃତି ନିକଟରେ ସାରଳା ଦାସଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି। ଆଡ୍‌ଭୋକେଟ୍ ଦେବସ୍ମାନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାଧାପକ ଡ. ଜ୍ଞାନୀ ଦେବାଶିଷ ମିଶ୍ର, ମୁଖ୍ୟବକ୍ତା ଗାଳ୍ପିକ ରବିନାରାୟଣ ଦାଶ, ସମ୍ମାନିତ ଅତିଥି ବରିଷ୍ଠ କବି ପ୍ରସନ୍ନ ସ୍ୱାଇଁ ଯୋଗଦେଇ ସାରଳା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ମହେଶ ମହାନ୍ତି ସ୍ୱାଗତ ଭାଷଣ ଓ ବିଜୟ ନାୟକ ଅତିଥି ପରିଚୟ ଦେଇଥିବାବେଳେ ସମ୍ପାଦକ ଅମରଜ୍ୟୋତି ସାହୁ ଧନ୍ୟବାଦ ଦେଇଥିଲେ।

## ଟ୍ରକ-କାର ଧକ୍କା: ଜଣେ ମୃତ, ୨ ଗୁରୁତର

ପାରାଦୀପ,୫।୨(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାଜପଥର ଚକ୍ରଧରପୁର ଗଡ଼ାରେ ମଙ୍ଗଳବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ ମୋଡାଣି ନିକଟରେ ବୁଲାଉଥିବ ବେଳେ କାର ଆସି ସେଥିରେ ପିଟି ହୋଇଯାଇଥିଲା। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ପାରାଦୀପ ନୂଆବଜାର ଅଞ୍ଚଳର ଶାରଦା ସ୍ୱାଇଁ(୨୬)। ଗୁରୁତର ଦ୍ୱୟଙ୍କୁ ପୋଲସ ଉଦ୍ଧାର କରି ପ୍ରଥମେ ବିଜୁମେମୋରିଆଲ ହସ୍ପିଟାଲ ଓ ପରେ କଟକ ସ୍ଥାନାନ୍ତର କରିଛି। ଶାରଦା ଓ ତାଙ୍କର ୨ଜଣ ବନ୍ଧୁ କାର୍ ଯୋଗେ କଟକରୁ ପାରାଦୀପ ଅଭିମୁଖେ ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

## ସମର୍ଥନ ଜଣାଇଲେ ୪ ସଙ୍ଗଠନ

**ପ୍ରସ୍ତାବିତ ଚିଙ୍ଗୁଡ଼ି ପ୍ରକ୍ରିୟାକରଣ ପ୍ରକଳ୍ପ ବିରୋଧରେ ଗଣଧାରଣା ଜାରି**

ଏରସମା,୫।୨(ସ୍ୱ.ପ୍ର.): ଏରସମା ବ୍ଲକ ଅନ୍ତର୍ଗତ ଜିରାଇଲୋ ପଞ୍ଚାୟତର ଶରବା ଗ୍ରାମ ନିକଟରେ ହେବାକୁ ଥିବା ଚିଙ୍ଗୁଡି ପ୍ରକ୍ରିୟାକରଣ ପ୍ରକଳ୍ପକୁ ବିରୋଧକରି ଭିଟାମାଟି ସୁରକ୍ଷା ସମିତି ଦେଇଥିବା ଧାରଣା ବୁଧବାର ୧୬ଦିନରେ ପହଞ୍ଚିଛି। ପ୍ରଶାସନ ଆନ୍ଦୋଳନକାରୀଙ୍କ ଦାବିକୁ ଗୁରୁତ୍ୱ ନ ଦେବା ଓ ପାଲଟା ତାଙ୍କ ନାମରେ ମାମଲା ରୁଜୁ କରିବା ଯୋଗୁ ଆନ୍ଦୋଳନକାରୀ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ଏହି କ୍ରମରେ ବୁଧବାର ୪ଟି ସଙ୍ଗଠନ ଏହି ଗଣଧାରଣାକୁ ସମର୍ଥନ ଜଣାଇ ଧାରଣାର ସାମିଲ ହୋଇଛନ୍ତି। ଫଳରେ ଏହି ଗଣଧାରଣା ଏବେ ତୀବ୍ର ରୂପ ଧାରଣ କରୁଛି। ଭିଟାମାଟି ସୁରକ୍ଷା ସମିତି ସଭାପତି ଅଭିଜିତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଭାଜପା ନେତା ଶିବବ୍ରତ ଦାସ ଯୋଗଦେଇ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନମତକୁ ସମ୍ମାନ ଦେବା ପ୍ରଶାସନର ମୌଳିକ କର୍ତ୍ତବ୍ୟ ବୋଲି ଅଭିହିତ କରିଥିଲେ। ଉତ୍କଳ ମହିଳା ସମିତିର ରାଜ୍ୟ ସମ୍ପାଦିକା ଚିନ୍ମୟୀ ସାହାଣୀ, ପାରାଦୀପ ଶ୍ରମିକ ସଂଗଠନର ନେତା ବିଷ୍ଣୁ ଚରଣ ମୁଦୁଲି, ଅଖିଳ ଭାରତ ଯୁବ ସଂଘର ଜିଲା ସଂଯୋଜକ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତାବିତ ପ୍ରକଳ୍ପକୁ ପ୍ରଶାସନ ପ୍ରତ୍ୟାହାର କରି ନେବାକୁ ଦାବି କରିଥିଲେ। ସେମାନଙ୍କ କହିବା ଅନୁସାରେ, ଗ୍ରାମାଞ୍ଚଳ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଓ ଭିଟାମାଟିକୁ ସୁରକ୍ଷା ଦେବା ପାଇଁ ଗଣତାନ୍ତ୍ରିକ ଉପାୟରେ କରାଯାଉଥିବା ଆନ୍ଦୋଳନକୁ ପ୍ରଶାସନ ଭ୍ରୂକ୍ଷେପ କରୁନାହିଁ। ଏହା ଆମମାନଙ୍କ ପାଇଁ ଦୁର୍ଭାଗ୍ୟଜନକ ଘଟଣା। ଅପରପକ୍ଷରେ ୫୪ ଆନ୍ଦୋଳନକରୀଙ୍କ ସହିତ ଜଣେ ୧୦ମ ଶ୍ରେଣୀର ଛାତ୍ରଙ୍କ ନାମରେ ପ୍ରଶାସନ ମାମଲା ରୁଜୁ କରିବା କେଉଁ ଗଣତନ୍ତ୍ରିକ ପଦ୍ଧତି ବୋଲି ପ୍ରଶ୍ନ କରିଥିଲେ। ପ୍ରକଳ୍ପ ବାତିଲ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।



ଧାରଣାରେ ବସିଥିବା ଭିଟାମାଟି ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଅନ୍ୟମାନେ।

## ଜବତ କାଠ ବୋଝେଇ ଟ୍ରାକ୍ଟରକୁ ଛାଡ଼ିଲା ପ୍ରଶାସନ

କୁଜଙ୍ଗ,୫।୨(ଡି.ଏନ.ଏ.): ଜାନୁୟାରୀ ୨୬ରେ କୁଜଙ୍ଗ ତହସିଲଦାର ଜବତ କରିଥିବା ଏକ କାଠ ବୋଝେଇ ଟ୍ରାକ୍ଟରକୁ ନେଇ ବିବାଦ ଦେଖାଦେଇଥିଲା। ଟ୍ରାକ୍ଟରକୁ ବେଆଇନ ଭାବେ ଜବତ କରାଯାଇଥିବା ଅଭିଯୋଗ କରି ମଙ୍ଗଳବାର ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ ତାଙ୍କ ସମର୍ଥକଙ୍କ ସହ କୁଜଙ୍ଗ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ବୁଧବାର ତହସିଲଦାର ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ବୁଧବାର ତହସିଲଦାର କାଠ ବୋଝେଇ ଟ୍ରାକ୍ଟରକୁ ଛାଡ଼ି ଦେଇଛନ୍ତି। ଏହି ଟ୍ରାକ୍ଟର ଅରଖିଆ ବାଲିମଠର ଯଜ୍ଞ ନିମନ୍ତେ ମଲ୍ଲାସାହି ଗ୍ରାମର ଏକ ସ୍ଥିତିବାନ ସମ୍ପତ୍ତିରୁ ଚାକୁଣ୍ଡା କାଠ ନେଇ ଆସୁଥିଲା। ହେଲେ ଏହି କାଠ ସରକାରୀ ଜମିରୁ କଟାଯାଇଥିବା ଅଭିଯୋଗରେ ତହସିଲଦାର ପ୍ରଭାସ ବେଉରା ଟ୍ରାକ୍ଟରକୁ ପୋଲିସ ସହାୟତାରେ ଜବତ କରିଥିଲେ। ଏ ସମ୍ପର୍କରେ ତହସିଲଦାର କହିଛନ୍ତି, ଏକ ଧାର୍ମିକ କାର୍ଯ୍ୟ ପାଇଁ କାଠ ଯାଉଥିବାରୁ ଛାଡ଼ି ଦିଆଗଲା। ଜମିର ସ୍ଥିତାବସ୍ଥା ସମ୍ପର୍କରେ କହିଥିଲେ, ଚଞ୍ଚକତା କରି କେତେଜଣ ବ୍ୟକ୍ତି ୨୮ ଡେସିମିଲ ପଟ୍ଟା କରିନେଇଛନ୍ତି। ଏଥିପାଇଁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ପରବର୍ତ୍ତୀ ସମୟରେ ପଟ୍ଟା ଖାରଜ ପାଇଁ ଉପଜିଲାପାଳଙ୍କୁ ଚିଠି ଲେଖାଯିବ। ଆଲୋଚନାରେ ପୂର୍ବତନ ଏମ୍‌ପି ତରାଇଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


**ପୂର୍ବ ତଟ ରେଳପଥ**

**ମାର୍ଚ୍ଚ-2020 ପାଇଁ ଡିପୋ ଏବଂ ମଣ୍ଡଳ ଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ**

ଇ-ନିଲାମର ଅନୁସୂଚୀ

| ମାସ | ମୁଖ୍ୟାଳୟ/ମଣ୍ଡଳ | ତାରିଖ |
|---|---|---|
| ମାର୍ଚ୍ଚ 2020 | ମଞ୍ଚେଶ୍ୱର ଡିପୋ | 04.03.2020 (ବୁଧବାର), 11.03.2020 (ବୁଧବାର), 19.03.2020 (ଗୁରୁବାର), 24.03.2020 (ମଙ୍ଗଳବାର) ଏବଂ 30.03.2020 (ସୋମବାର) |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 09.03.2020 (ସୋମବାର), 13.03.2020 (ଶୁକ୍ରବାର), 20.03.2020 (ଶୁକ୍ରବାର), 25.03.2020 (ବୁଧବାର) ଏବଂ 31.03.2020 (ମଙ୍ଗଳବାର) |
| | ୱାଲଟିୟର ମଣ୍ଡଳ | 06.03.2020 (ଶୁକ୍ରବାର), 12.03.2020 (ଗୁରୁବାର), 17.03.2020 (ମଙ୍ଗଳବାର), 24.03.2020 (ମଙ୍ଗଳବାର) ଏବଂ 31.03.2020 (ମଙ୍ଗଳବାର) |
| | ସମ୍ବଲପୁର ମଣ୍ଡଳ | 04.03.2020 (ବୁଧବାର), 11.03.2020 (ବୁଧବାର), 18.03.2020 (ବୁଧବାର), 23.03.2020 (ସୋମବାର) ଏବଂ 30.03.2020 (ସୋମବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କ୍ୟାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସମ୍ପର୍କିତ ସଞ୍ଚାଳନ ଅଧିକାରୀଙ୍କ ପାଖରେ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍: https://www.ireps.gov.in ରେ ଉପଲବ୍ଧ ହେବ।

PR-693/K/19-20 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



**ପୂର୍ବ ତଟ ରେଳପଥ**

**ଇଞ୍ଜିନିୟରିଂ କାର୍ଯ୍ୟ**

ଟେଣ୍ଡର ବିଜ୍ଞପ୍ତି ନଂ. 13/ET/SBP/ENGG/2019-20, ତା: 30.01.2020

1) ଇ-ଟେଣ୍ଡର ବିଜ୍ଞପ୍ତି ନଂ.43-eT-SDENE-SBP-19

କାର୍ଯ୍ୟର ନାମ : ସମ୍ପୂର୍ଣ୍ଣ ପ୍ଲାଟଫର୍ମ ଲମ୍ବକୁ କଭର କରିବା ନିମନ୍ତେ ବଲାଙ୍ଗୀର (ପ୍ଲାଟଫର୍ମ ନଂ.1, ପ୍ଲାଟଫର୍ମ ନଂ.2 ଏବଂ 3) ଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟରଗୁଡ଼ିକର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹4,98,41,006.34, EMD (ଟଙ୍କାରେ): ₹ 3,99,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ।

2) ଇ-ଟେଣ୍ଡର ବିଜ୍ଞପ୍ତି ନଂ. 13-eT-BRIDGE-SBP-19

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ସେକ୍ସନରେ ପ୍ଲେଟ ଗର୍ଡ଼ର ବ୍ରିଜ: ବ୍ରିଜ ନଂ.76, 26, 44A, 53, 53A, 58, 62, 67 (ସ୍ପାନ୍ 1 ରୁ 5), 69, 92, 116, 137 ଏବଂ 160 ରେ ସାଇଡ୍ ପାଥୱେର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,76,95,606.07, EMD (ଟଙ୍କାରେ): ₹ 2,38,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ।

3) ଇ-ଟେଣ୍ଡର ବିଜ୍ଞପ୍ତି ନଂ. 14-eT-BRIDGE-SBP-19

କାର୍ଯ୍ୟର ନାମ : ସିନିୟର ସେକ୍ସନ ଇଞ୍ଜିନିୟର/ବ୍ରିଜ୍/ସମ୍ବଲପୁର ପରିସୀମା ଅଧୀନସ୍ଥ ବ୍ରିଜ୍ ନଂ.7UP, 438, 406 ଏବଂ 26 ରେ ଗ୍ୟାଙ୍ଗ୍ ପାଥ(Gang path)ର ପୁନଃସ୍ଥାପନ ସହିତ ଫଟା ରେଲ୍ ବିୟରର (Rail bearer) ଟପ୍ ଫ୍ଲେଞ୍ଜ ଆଙ୍ଗେଲ ଏବଂ ବ୍ରିଜ୍ ନଂ.293 DN, 331 DN ଏବଂ 406 ର ଅନ୍ୟ ଫଟା ମେମ୍ବରଗୁଡ଼ିକର ପୁନଃସ୍ଥାପନ, ବ୍ରିଜ୍ ନଂ.7 UP & DN, 293 UP & DN ଏବଂ ବ୍ରିଜ୍ ନଂ.406 ର କ୍ରସ୍ ଗର୍ଡ଼ରଗୁଡ଼ିକରେ କରୋଜନ ଗାର୍ଡ ଲଗାଇବା ତଥା ଅନ୍ୟ ସମ୍ପର୍କିତ କାର୍ଯ୍ୟ, ବ୍ରିଜ୍ ନଂ.247 DN, 239 DN, 195 SL ଏବଂ ବ୍ରିଜ୍ ନଂ.363 DN, 347 ର ବେଡ୍ ବ୍ଲକ୍ (Bed block)ର ଢିଲା ରିଭେଟ୍ (Loose Rivets)ଗୁଡ଼ିକର ମରାମତି, ସେକେଣ୍ଡ ହ୍ୟାଣ୍ଡ ରିଲିଜ୍ଡ ରିଭେଟେଡ୍ ଗର୍ଡ଼ର (ରେଙ୍ଗାଲି ଷ୍ଟେସନଠାରେ ଉପଲବ୍ଧ 1X12.2m, PG, Drg. No.RDSO/BA-11073) ସହିତ କ୍ଷତିଗ୍ରସ୍ତ ୱେଲ୍ଡେଡ୍ ଗର୍ଡ଼ରଗୁଡ଼ିକର ସ୍ଥାନାନ୍ତରଣ ଦ୍ୱାରା ସମ୍ବଲପୁର ଷ୍ଟେସନଠାରେ ବ୍ରିଜ୍ ନଂ.67(L-1, 1X12.20m) ର ମରାମତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹67,51,259.75, EMD (ଟଙ୍କାରେ): ₹ 1,35,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 10 (ଦଶ)ମାସ।

4) ଇ-ଟେଣ୍ଡର ବିଜ୍ଞପ୍ତି ନଂ. 37-eT-DENW-SBP-19

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଟିଟିଲଗଡ଼ ଷ୍ଟେସନଠାରେ ଅତିରିକ୍ତ ପ୍ଲାଟଫର୍ମ ସେଲ୍ଟର (2bay, 06 ସଂଖ୍ୟକ)ଗୁଡ଼ିକର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,37,73,242.30, EMD (ଟଙ୍କାରେ): ₹ 2,68,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 10,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ।

5) ଇ-ଟେଣ୍ଡର ବିଜ୍ଞପ୍ତି ନଂ. 38-eT-DENW-SBP-19

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ପଏଣ୍ଟ/କ୍ରସିଙ୍ଗଗୁଡ଼ିକର ବିଫଳତା ଅବସରରେ ପଏଣ୍ଟ ଏବଂ ସିଗ୍ନାଲର ମ୍ୟାନିଙ୍ଗ୍ ସୁବିଧା ନିମନ୍ତେ ଆରଙ୍ଗ ମହାନଦୀ ଏବଂ ବେଲସୋଣ୍ଡା ଠାରେ କଂକ୍ରିଟ ପାଥୱେ ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,62,44,818.85, EMD (ଟଙ୍କାରେ): ₹ 2,31,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 5,000/-+18% GST, କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.26.02.2020 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ), ସମ୍ବଲପୁର

PR-695/K/19-20



ଅହଂଭାବଟି ତୁମକୁ ଟିକିଏ ଫୁଲେଇ ଦେଇପାରେ, କିନ୍ତୁ ତାହା ବୋଲି ତୁମକୁ ଉପରକୁ ଉଠାଇ ପାରିବ ନାହିଁ। -ଜନ୍ ରସ୍କିନ୍

# ପ୍ୟାକ୍ସରେ ନୁହେଁ, ମିଲ୍‌ରେ ହେଉଛି ଧାନ ସଂଗ୍ରହ

**ଯାଜପୁର ଅଫିସ,୫।୨**

**ଧାନ ସଂଗ୍ରହରେ ଅନିୟମିତତା**

- ମାସେ ପରେ ବି ପ୍ରାପ୍ୟ ପାଇନାହାନ୍ତି ଚାଷୀ
- ମିଲ୍‌କୁ ନିଜ ଖର୍ଚ୍ଚରେ ଧାନ ନେଉଛନ୍ତି ଚାଷୀ
- ୫-ଟି ଆଇନ, ମୋ ସରକାର ଯୋଜନା ବାଟବଣା

ସରକାରଙ୍କ ଖାଦ୍ୟ ନୀତି ଅନୁସାରେ ଚାଷୀଙ୍କଠାରୁ ପ୍ରାଥମିକ ସମବାୟ ସମିତି(ପ୍ୟାକ୍ସ) ଜରିଆରେ ଧାନ ସଂଗ୍ରହ ହେବ। ପ୍ୟାକ୍ସରୁ ଧାନ ମିଲର୍ସଙ୍କ ନିକଟକୁ ଯିବ ଏବଂ ସେହି ଅନୁପାତରେ ଚାଉଳ ଦାଖଲ କରାଯିବ। ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ଏବଂ ଧାନ ବିକ୍ରି କରିବାର ୨୪ ଘଣ୍ଟା ମଧ୍ୟରେ ତାଙ୍କ ଆକାଉଣ୍ଟରେ ପ୍ରାପ୍ୟ ପ୍ରଦାନ କରାଯିବ ସେ ନେଇ ଜିଲାସ୍ତରରେ ଅନୁଷ୍ଠିତ ବୈଠକରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଯାଜପୁର ଜିଲାରେ ଏହାର ଓଲଟା ହେଉଛି। ପ୍ୟାକ୍ସରେ ଧାନ ସଂଗ୍ରହ ହେଉ ନଥିବାବେଳେ ଚାଷୀଙ୍କୁ ମିଲ୍‌ରେ ଧାନ ଦେବାକୁ କୁହାଯାଉଛି। ଫଳସ୍ୱରୂପ ଚାଷୀ ମିଲର୍ସଙ୍କ ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେଉଛନ୍ତି। ଏହିକ୍ରମରେ ଧନେଶ୍ୱର ପ୍ୟାକ୍ସ ଅଧୀନସ୍ଥ ଚାଷୀ କ୍ଷୀରୋଦ ସାହୁ ଆଶିର୍ବାଦ ମିଲ୍‌ରେ ଧାନ ବିକ୍ରି କରି ମାସେ ପରେ ବି ତାଙ୍କ ପ୍ରାପ୍ୟ ନ ପାଇବା ଜିଲାର ଧାନ ବିକ୍ରି ପ୍ରକ୍ରିୟାକୁ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏପଟେ ସରକାର ୫-ଟି ଆଇନ ଓ ମୋ ସରକାର କାର୍ଯ୍ୟକାରୀ କରୁଥିବାବେଳେ ଜିଲାରେ ସମ୍ପୃକ୍ତ କର୍ମଚାରୀ ଓ ଅଧିକାରୀଙ୍କ ଦ୍ୱାରା ଚାଷୀ ଶୋଷଣର ଶିକାର ହେଉଥିବା ଏଥିରୁ ସ୍ପଷ୍ଟ ମନେ ହେଉଛି।

ଚଳିତ ଖରିଫ ଧାନ ସଂଗ୍ରହ ବର୍ଷରେ ଜିଲାରେ ୮,୦୧,୦୫୦ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ତେବେ ଜାନୁୟାରୀ ଶେଷ ସପ୍ତାହ ସୁଦ୍ଧା ଜିଲାର ୨୪ଟି ପ୍ୟାକ୍ସ ଧାନ ସଂଗ୍ରହରେ ଭାଗ ନେଇ ନଥିଲେ। ଫଳରେ ହଜାରହଜାର ଚାଷୀ ତାଙ୍କ କଷ୍ଟୋପାର୍ଜିତ ଧାନକୁ ମଧ୍ୟସ୍ଥି ହାତରେ ଟେକି ଦେବାକୁ ବାଧ ହୋଇଥିଲେ। ଜିଲାପାଳ ସମ୍ପୃକ୍ତ ପ୍ୟାକ୍ସ କର୍ମଚାରୀ/ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ହେବା ପରେ ଚଳିତ ଫେବୃୟାରୀ ମାସ ୨ ତାରିଖ ସୁଦ୍ଧା ୧୩୪ଟି ପ୍ୟାକ୍ସରେ ଧାନ ସଂଗ୍ରହ ସ୍ୱାଭାବିକ ହୋଇଛି। ତେବେ ଅଧିକାଂଶ ସ୍ଥାନରେ କାଗଜ କଲମରେ ଧାନ ସଂଗ୍ରହ ହେଉଥିବାବେଳେ ମିଲ୍‌ଗୁଡ଼ିକ ସିଧାସଳଖ ଧାନ କିଣୁଛନ୍ତି। ଏହିକ୍ରମରେ ବୁଧବାର ସୁଦ୍ଧା ୬,୦୭,୬୩୨ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିବା ଜଣାପଡ଼ିଛି। ଏହି ବ୍ୟବସ୍ଥାରେ ସରକାର ଚାଷୀ ଓ ଭାଗ ଚାଷୀଙ୍କୁ ସାମିଲ କରିବା ପାଇଁ ସ୍ଥିର କରିଛନ୍ତି। କିନ୍ତୁ କେତେକ ଭାଗଚାଷୀଙ୍କ ନାମରେ ପ୍ୟାକ୍ସର ଅଧିକାରୀମାନେ ଧାନ ବିକ୍ରୟ ପାଇଁ ଜାଲିଆତି ଟୋକନ ଜାରି କରି ଧାନ ସଂଗ୍ରହ କରୁଛନ୍ତି। ଏଥିରେ କୋଟି କୋଟି ଟଙ୍କାର ହେରାଫେରି ହେଉଥିବା ଆଲୋଚନା ହେଉଛି। ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତର ଧନେଶ୍ୱର ସମବାୟ ସମିତି ଅଧୀନରେ ଥିବା ଚାଷୀଙ୍କ କ୍ଷେତ୍ରରେ। ଧନେଶ୍ୱର ସମବାୟ ସମିତି ଅଧୀନରେ ଏକ ଭଡ଼ା ଘର ନିଆଯାଇ ଧାନ ମଣ୍ଡି ଖୋଲା ହୋଇଛି। କିନ୍ତୁ ଚାଷୀଙ୍କଠାରୁ ଉକ୍ତ ଧାନ ମଣ୍ଡିରେ ଧାନ ସଂଗ୍ରହ କରା ନ ଯାଇ ଚାଷୀ ନିଜ ଖର୍ଚ୍ଚରେ ଟ୍ରାକ୍ଟରରେ ମିଲ୍‌ର ପାଖରେ ଧାନ ପହଞ୍ଚାଉଛନ୍ତି। ଫଳରେ ଚାଷୀମାନେ ଗାଡି ଭଡ଼ା ବାବଦକୁ ପ୍ରାୟ ୨ ରୁ ୪ହଜାର ଟଙ୍କା ଖର୍ଚ୍ଚ କରି ମିଲ୍‌କୁ ଧାନ ନେଉଛନ୍ତି। ଧନେଶ୍ୱର ପ୍ୟାକ୍ସ ଅଧୀନରେ କ୍ଷୀରୋଦ ସାହୁ(ପଞ୍ଜିକରଣ ସଂଖ୍ୟା- ଏସ୍୧୧୩୦୮୧୩୦୦୦୩୯୫)ନାମକ ଜଣେ ଚାଷୀ ୨ଏକର ୬ଗୁଣ୍ଠ ଜମି ଚାଷ କରି ଧାନ ମଣ୍ଡିରେ ଦେବା ପାଇଁ ୧୯.୫୦କୁଇଣ୍ଟାଲ ଧାନର ଟୋକନ ପାଇଥିଲେ। ଏହି ଟୋକନ ସମ୍ବନ୍ଧୀୟ ମେସେଜ ତାଙ୍କ ମୋବାଇଲ ନମ୍ବର ୮୦୧୮୮୫୨୨୦୯ ମାଧ୍ୟମରେ ୫।୧।୨୦୨୦ ତାରିଖରେ ମିଳିଥିଲା। ଏହି ମେସେଜ ଅନୁସାରେ ତାଙ୍କ ଟୋକନ ନମ୍ବର ୬୬ ଥିଲା। ମେସେଜ ପାଇ ଚାଷୀ କ୍ଷୀରୋଦ ୬।୧।୨୦୨୦ ତାରିଖରେ ଟୋକନ ସଂଗ୍ରହ କରି ଧନେଶ୍ୱର ପ୍ୟାକ୍ସରେ ଧାନ ବିକ୍ରି କରିବାକୁ ବ୍ୟବସ୍ଥା କଲେ। କିନ୍ତୁ ସେଠାରେ ଧାନ ନନେଇ ଆଶିର୍ବାଦ ମିଲ୍‌ରେ ଧାନ ଦେବାକୁ ପ୍ୟାକ୍ସ କର୍ମଚାରୀ କହିଥିଲେ। ଏହି କଥାକୁ ମାନି କ୍ଷିରୋଦ ନିଜ ଖର୍ଚ୍ଚରେ ଏକ ଟ୍ରାକ୍ଟର ଯୋଗେ ଧାନ ନେଇ ଆଶିର୍ବାଦ ମିଲ୍‌ରେ ପହଞ୍ଚି ସେଠାରେ ଧାନ ପ୍ରଦାନ କରି ରସିଦ୍ ଗ୍ରହଣ କଲେ। ଏହି ରସିଦ ଗ୍ରହଣ କରିବାର ଆଜକୁ ୧ମାସ ବିତି ଯାଇଥିଲେ ମଧ କ୍ଷିରୋଦ ତାଙ୍କ ପ୍ରାପ୍ୟ ପାଇନାହାନ୍ତି। ଏପରିକି ତାଙ୍କ ବାୟୋମେଟ୍ରିକ ତଥ୍ୟ ସମବାୟ ସମିତିରେ ଭେରିଫାଏ କରିପାରୁ ନାହାନ୍ତି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରୁ ସେ କହିଛନ୍ତି ସେଭଳି କିଛି ଯଦି ଅନିୟମିତତା ହୋଇଥିବ ତେବେ ଆବଶ୍ୟକ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବନ୍ଦହେବ ଧୋବାକୋଇଲି, ସହିମାଡ ପ୍ରାଥମିକ ବିଦ୍ୟାଳୟ

**ଯାଜପୁର ଅଫିସ,୫।୨**

ଦଶରଥପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ପାଳଟପୁର ପଞ୍ଚାୟତର ଧୋବାକୋଇଲି ଏବଂ କମାରଡିହ ପଞ୍ଚାୟତର ସହିମାଡ ପ୍ରାଥମିକ ବିଦ୍ୟାଳୟ ବନ୍ଦ କରିବାକୁ ଯାଜପୁର ଡିପିସି ପ୍ଲାନିଂ ଡିପାର୍ଟମେଣ୍ଟ ପକ୍ଷରୁ ଦଶରଥପୁର ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ, ୧୦ରୁ କମ୍ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଏହି ୨ବିଦ୍ୟାଳୟର ଭିତ୍ତିଭୂମି, ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ସଂଖ୍ୟା ଉପରେ ତଦନ୍ତକରି ସମ୍ପୃକ୍ତ ଦୁଇ ବିଦ୍ୟାଳୟକୁ ବନ୍ଦକରି ନିକଟସ୍ଥ ଅନ୍ୟ ବିଦ୍ୟାଳୟରେ ମିଶାଇଦେବାକୁ ଜିଲା ଡିପିସିଙ୍କ ପ୍ଲାନିଂ କାର୍ଯ୍ୟାଳୟରୁ ଗତ ୨୯ତାରିଖରେ ଦଶରଥପୁର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଛି। ଏନେଇ ବ୍ଲକ ଶିକ୍ଷାଧିକାରୀ ଗୟାଧର ନନ୍ଦଙ୍କୁ ପଚାରିବାରେ ପ୍ଲାନିଂ ଅଫିସରୁ ସୂଚନା ଆସିଛି। ଉକ୍ତ ଦୁଇ ବିଦ୍ୟାଳୟରେ କମ୍ ସଂଖ୍ୟକ ପିଲା ରହୁଥିବାରୁ ଏହାକୁ ବନ୍ଦ କରି ଦିଆଯିବ ବୋଲି ନନ୍ଦ କହିଛନ୍ତି।

**ସଂକ୍ଷେପରେ**

## ଧର୍ମଶାଳା ବାଣୀପୀଠର ୧୯୬୯ ମସିହା ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

**ଧର୍ମଶାଳା,୫।୨(ଡି.ଏନ୍.ଏ.):** ଧର୍ମଶାଳା ବାଣୀପୀଠର ୧୯୬୯ ମସିହା ମ୍ୟାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ସହ ଗୁରୁପୂଜନ ଉତ୍ସବ ବାଣୀପାଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଛି। ପୁରାତନ ଛାତ୍ର ବିଷ୍ଣୁଚରଣ ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶୁକଦେବ ପତି, ନାରାୟଣ ଦତ୍ତ, କେଶବ ଚନ୍ଦ୍ର ମହାନ୍ତି, ନାରାୟଣ କବି, ବନମାଳି ପଣ୍ଡାଙ୍କୁ ଛାତ୍ରୀଛାତ୍ରମାନେ ପୂଜନ କରି ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ମହମ୍ମଦ ଗୁଲାମ ମଦାନୀ, ଭରତ ଭୂଷଣ ରାୟ, ଉପେନ୍ଦ୍ର ବେହେରା, କିଶୋର ପାଣି, କୃପାସନ୍ଧୁ ସ୍ୱାଇଁ, ବିବେକାନନ୍ଦ ନାୟକ, ଯୋଗେନ୍ଦ୍ର ରାଉତ, ମଜିତ ଖାନ, ହରିହର ସାହୁ, ବୈରାଗୀ ଚରଣ ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, କରୁଣାକର ବରାଳ, ନବକିଶୋର ମହାନ୍ତି, ଯୋଗେନ୍ଦ୍ର ପାତ୍ର, ପ୍ରଣତୀ ଦାଶ, କନକଲତା ବରାଳ ପ୍ରମୁଖ ଛାତ୍ର ଜୀବନର ସ୍ମୃତିକୁ ମନେପକାଇବା ସହ ବାଣୀପୀଠର ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୦୧୯ ମ୍ୟାଟ୍ରିକ ପରିକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଆଶିଷ ମହାନ୍ତିଙ୍କୁ ଏକ ହଜାର ଟଙ୍କା ପୁରସ୍କାର ରାଶି ପ୍ରଧାନ ଶିକ୍ଷକ ନିରୋଜ କୁମାର ମହାନ୍ତିଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଶେଷରେ ଚନ୍ଦ୍ରମଣି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ତ୍ୟାଗ ଅବିସ୍ମରଣୀୟ

**ଯାଜପୁର ଟାଉନ୍, ୫।୨ (ଡି.ଏନ୍.ଏ.):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଓ ପତଞ୍ଜଳି ଯୋଗ ସମିତିର କାର୍ଯ୍ୟକର୍ତ୍ତାମାନେ ସାମିଲ ଥିଲେ। ୧୯୩୬ରେ ଭାଷାଭିତ୍ତିରେ ଓଡ଼ିଶା ପ୍ରଦେଶ ଗଠନରେ ମଧୁବାବୁଙ୍କ ଅବଦାନ ଓ ତ୍ୟାଗ ଅବିସ୍ମରଣୀୟ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସାମାଜିକ କର୍ମୀ ନିଶୀଥ ଦାସ, ଯୋଗ ଗୁରୁ ମନ୍ମଥ କୁମାର ସାମଲ, ଗୋପୀନାଥ ସେଠୀ, ସୁବାସ ତ୍ରିପାଠୀ, ପରମାନନ୍ଦ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବୌଦ୍ଧପୀଠ ଉଦୟଗିରିର ବିକାଶ ନେଇ ପ୍ରସ୍ତୁତି

**ଚଣ୍ଡିଖୋଲ,୫।୨(ଡି.ଏନ୍.ଏ.)**

ବିଶ୍ୱ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଏବେ ବି ଅବହେଳିତ। ଏହି ପୀଠକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପର୍ଯ୍ୟଟକମାନେ ଆସୁଛନ୍ତି। ତେଣୁ ଏହାର କିପରି ବିକାଶ କରାଯାଇପାରିବ ସେନେଇ ବୁଧବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଗଜେନ୍ଦ୍ରପୁର କଲ୍ୟାଣ ମଣ୍ଡପ ପରିସରରେ ଏକ ପ୍ରସ୍ତୁତି ବୈଠକ ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଐତିହାସିକ ତଥା ବୌଦ୍ଧ ଗବେଷକ ହରିଶ୍ଚନ୍ଦ୍ର ପୃଷ୍ଟି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦୟଗିରିରୁ ଆବିଷ୍କୃତ ବୌଦ୍ଧ କିର୍ତ୍ତୀରାଜି ସମ୍ପର୍କରେ କହିବା ସହ ସଂଗ୍ରହାଳୟ ନ ଥିବାରୁ ଏଠାକାର କିର୍ତ୍ତୀରାଜିକୁ ବାହାରେ ନେଇ ରଖାଯାଇଥିବା ସ୍ପଷ୍ଟ କରିଥିଲେ। ଏହାର ଚତୁଃପାର୍ଶ୍ୱକୁ ଉନ୍ନତିକରଣ ଏବଂ ବିକଶିତ କରାଗଲେ ଏଠାକୁ ବହୁ ଗବେଷକ ଓ ପର୍ଯ୍ୟଟକମାନେ ଆସି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ବିପିନି ବିହାରୀ ଜେନା, ପଞ୍ଚାନନ ଧଳ, କିରଣ କୁମାର ଶତପଥି, ଶାରଦା ପ୍ରସନ୍ନ ମହାନ୍ତି, ଗଗନ ବିହାରୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଉଦୟଗିରି ବୌଦ୍ଧ ପୀଠର ଉନ୍ନତି ପରିକଳ୍ପେ ଏକ କମିଟି ଗଠନ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ସରପଞ୍ଚ ତାପସ ଚନ୍ଦ୍ର ରାୟ, ଈଶ୍ୱର ଚନ୍ଦ୍ର ପରିଡା, ଫନୀନ୍ଦ୍ରନାଥ ପଣ୍ଡା, ସୁରେଶ ଚନ୍ଦ୍ର ନାୟକ, ଯଦୁମଣି ଦାସ, ରୁଦ୍ରପ୍ରସନ୍ନ ସାମଲ, ଶରତ କୁମାର ସାମଲ, ମନୋଜ ରାୟ, ସୁମନ୍ତ ଭୂୟାଁ, ସଞ୍ଜୟ ସିଂ, ବିଜୟ କୁମାର ଦାସ, ପ୍ରତାପ ଚନ୍ଦ୍ର ନାୟକ, ରବୀନ୍ଦ୍ର ମହାପାତ୍ର, ବ୍ରଜ ମୋହନ ସାମଲ, ସେକ୍ ମୋଇନ ଅହମ୍ମଦ, ସଞ୍ଜୟ କୁମାର ଖୁଣ୍ଟିଆ, ଅମୀୟ ବିଶ୍ୱାଳ, ସର୍ବେଶ୍ୱର ପାଢୀ, ତପସ୍ୱିନୀ ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇ ମତ ଉପସ୍ଥାପନ କରିଥିଲେ। ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବାବେଳେ ତ୍ରିଲୋଚନ ସାମଲ ଧନ୍ୟବାଦ ପ୍ରଦାନ କରିଥିଲେ।



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଅତିଥି।

# ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

**ରସୁଲପୁର,୫।୨(ଡି.ଏନ୍.ଏ.)**

ରସୁଲୁର ବ୍ଲକ ଅଧୀନ କୁଆଖିଆ ବଜାର ଅଞ୍ଚଳର ୩ଟି ପ୍ରମୁଖ ଦାବି ଯଥା, ଶୌଚାଳୟ, ଯାତ୍ରୀ ବିଶ୍ରାମଗାର, ଦୁର୍ଘଟଣା ଜନିତ ଡାକ୍ତରଖାନା ନିର୍ମାଣ ଦାବିରେ ଗତ ୩୦ ତାରିଖରୁ ଚାଲିଥିବା ଅନଶନ ବୁଧବାର ପ୍ରତ୍ୟାହୃତ ହୋଇଛି। କୁଆଖିଆ ସଚେତନ ନାଗରିକ ମଞ୍ଚର ସଦସ୍ୟମାନେ ବ୍ଲକ ସମ୍ମୁଖରେ ୭ଦିନ ଅନଶନରେ ବସିବା ପରେ ବୁଧବାର ପ୍ରଶାସନିକ ଅଧିକାରୀଙ୍କ ନିଦ ଭାଙ୍ଗିଛି। ପ୍ରଥମ ଦିନରୁ ରସୁଲପୁର ବିଡିଓ ଅନଶନକାରୀଙ୍କଠାରୁ ଏକ ଦାବିପତ୍ର ଗ୍ରହଣ କରି ଚୁପ୍ ବସି ଯାଇଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବାପରେ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ରସୁଲପୁର ବିଡିଓ ଉମାକାନ୍ତ ପରିଡା ମିଳିତ ଭାବେ ଅନଶନକାରୀଙ୍କ ନିକଟରେ ପହଞ୍ଚି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କୁଆଖିଆ ବଜାରର ଟ୍ରେକର ଷ୍ଟାଣ୍ଡରେ ଶୌଚାଳୟ ନିର୍ମାଣ ପାଇଁ ରସୁଲପୁର ତହସିଲଦାର ଜାଗା ଚିହ୍ନଟ କରିଛନ୍ତି। ଏନେଇ ତର୍ଜମା କରାଯାଇ କ୍ଲିୟରାନ୍ସ ଦିଆଯିବାପରେ ଶୌଚାଳୟ ନିର୍ମାଣ ଦାୟିତ୍ୱ ବିଡିଓ ବହନ କରିବେ। ଏହାଛଡ଼ା ଯାତ୍ରୀ ବିଶ୍ରାମାଗାର ନିର୍ମାଣ ସମ୍ପର୍କରେ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ୧୬ନଂ ଜାତୀୟ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହ ଅର୍ଦ୍ଧନିର୍ମିତ ଡାକ୍ତରଖାନାର ପୂର୍ଣ୍ଣାଙ୍ଗୀକରଣ କିଭଳି କରାଯାଇ ପାରିବ ସେ ଉପରେ ଗୁରୁତ୍ୱ ପ୍ରଦାନ କରାଯିବ। ଏପରି କି ଏ ଦିଗରେ ଯାଜପୁର ଜିଲାପାଳଙ୍କୁ ଅବଗତ କରାଯାଇଛି ବୋଲି ପ୍ରଶାସନିକ ଅଧିକାରୀମାନେ କମିଟିର ଆବାହକ ବିଶ୍ୱଜିତ୍ ମହାନ୍ତି, ଅରୁଣ କୁମାର ସାହୁ, ପୂର୍ବତନ ସରପଞ୍ଚ ପଦ୍ମନାଭ ବାଡି ପ୍ରମୁଖଙ୍କ ସହ ଆଲୋଚନା କରି ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହାପରେ ଅନଶନଧାରୀଙ୍କ ମଧ୍ୟରେ ମିଷ୍ଟାନ ବଣ୍ଟନ କରି ଅନଶନ ପ୍ରତ୍ୟାହୃତ ହୋଇଥିଲା।



ଅନଶନକାରୀଙ୍କ ସହ ପ୍ରଶାସନର ଆଲୋଚନା।

# ବିନା ସୂଚନାରେ ଦୋକାନ ଭାଙ୍ଗିବା ପ୍ରୟାସକୁ ବିରୋଧ

**ସୁକିନ୍ଦା,୫।୨(ଡି.ଏନ୍.ଏ.)**

**ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲେ ଅଞ୍ଚଳବାସୀ**

ପ୍ରଶାସନ ପକ୍ଷରୁ କୌଣସି ବିଦ୍ଧିବଦ୍ଧ ବିଜ୍ଞାପନ ପ୍ରକାଶନ ହୋଇ ନାହିଁ କିମ୍ବା ଜମିଅଧିଗ୍ରହଣ ସଂକ୍ରାନ୍ତରେ କୌଣସି ପ୍ରାକ୍ ସୂଚନା ପ୍ରଦାନ କରାଯାଇ ନାହିଁ। କେତେକ ରାଜନୈତିକ ବ୍ୟକ୍ତି ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବା ନିମନ୍ତେ ଛୋଟଛୋଟ ଦୋକାନକରି ନିଜର ଗୁଜୁରାଣ ମେଣ୍ଟାଉଥିବା କିଛି ବ୍ୟବସାୟୀଙ୍କ ଦୋକାନ ଭାଙ୍ଗିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ବାସଚ୍ୟୁତ କରିବାକୁ ପ୍ରୟାସ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଏପରି କି ଏହାଦ୍ୱାରା ପ୍ରଭାବିତ ହେବାକୁ ଥିବା ଦୋକାନୀ ଓ ଲୋକମାନେ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି।

ପ୍ରକାଶ ଯେ, ଯାଜପୁର ଜିଲା ସୁକିନ୍ଦା ବ୍ଲକ ପିମ୍ପୁଡ଼ିଆ ଗ୍ରାମର ରେଙ୍ଗାଲି କେନାଲ ସନ୍ନିକଟ ନୂଆଡିହ ଅର୍ଜୁନଝର ଗ୍ରାମର ରମେଶ ପାତ୍ର, ଦିଲ୍ଲୀପ ପାତ୍ର, କଳାକର ପାତ୍ର, ପିମ୍ପୁଡ଼ିଆ ଗ୍ରାମର ବିଶ୍ୱ ମହାକୁଡ଼ଙ୍କ ସହ ଏକାଧିକ ବ୍ୟକ୍ତି ଛୋଟ ଛୋଟ ପାନ, ଜଳଖିଆ ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି। ତେବେ ଏହି ଦୋକାନଗୁଡ଼ିକୁ ଭାଙ୍ଗି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ସ୍ଥାନୀୟ ପିମ୍ପୁଡ଼ିଆ ସରପଞ୍ଚଙ୍କ ସ୍ୱାମୀ ସୁକାନ୍ତ କୁମାର ନାୟକ ସ୍ଥାନୀୟ କିଛି ରାଜନୈତିକ ବର୍ଗର ଲୋକଙ୍କ ସହଯୋଗରେ ଦୋକାନଗୁଡ଼ିକୁ ଭାଙ୍ଗିବାକୁ ପ୍ରୟାସ କରୁଛନ୍ତି। ଏହାକୁ ବିରୋଧ କରି ବ୍ୟବସାୟୀମାନେ ବୁଧବାର ମଧ୍ୟାହ୍ନରେ ପିମ୍ପୁଡିଆ ହାଟ ନିକଟରେ ଏକ ବୈଠକ କରିଛନ୍ତି। ଉକ୍ତ ବୈଠକରେ ଦୋଳଗୋବିନ୍ଦ ମହାନ୍ତଙ୍କ ସମେତ ପ୍ରଭାବିତ ହେବାକୁ ଥିବା ଦୋକାନୀ ଓ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏପରି କି ବିନା ଥଇଥାନରେ ଉଚ୍ଛେଦ କଲେ ଆନ୍ଦୋଳନ ତୀବ୍ରତର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ରେଙ୍ଗାଲି କେନାଲ ପାଇଁ ସ୍ୱର୍ଗତ ଉଛବ ମୁଣ୍ଡାଙ୍କ ଜମି ନେବାବେଳେ ବିଭିନ୍ନ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଏଯାବତ ତାହା ପାଳନ କରାଯାଇ ନାହିଁ। ତେଣୁ ଚାଳଛପର ଘରେ ରହୁଥିବା ଏହି ପରିବାର ବର୍ଗଙ୍କ ଘରଦ୍ୱାର ଭାଙ୍ଗି ସେହି ସ୍ଥାନରେ ଯାତ୍ରାପଡ଼ିଆ ଓ କମ୍ପ୍ଲେକ୍ସ ନିର୍ମାଣ କରିବାଯୋଜନାକୁ କେବେବି ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ମିଳିଥିବା ସୂଚନା ଅନୁସାରେ ଏହି ଉଚ୍ଛେଦକୁ ବିରୋଧ କରୁଥିବା ଗରିବ ଲୋକଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରି ଯେନତେନ ଉପାୟରେ ଡିଏମ୍ଏଫ୍ ପାଣ୍ଠିରେ ମାର୍କେଟ କମ୍ପ୍ଲେକ୍ସ ଓ ଯାତ୍ରା ପଡ଼ିଆ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳର କେତେକ ନେତା ଜୋରସୋର ଉଦ୍ୟମ ଚଳାଇଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ଅତିରିକ୍ତ ତହସିଲଦାର ଅସିତ କୁମାର ମହାନ୍ତଙ୍କୁ ପଚାରିବାରେ ଏନେଇ ତାଙ୍କ ନିକଟରେ କୌଣସି ତଥ୍ୟ ନାହିଁ, ତହସିଲଦାର ସବିଶେଷ ତଥ୍ୟ ଦେଇପାରିବେ ବୋଲି କହିଛନ୍ତି। ଅପରପକ୍ଷରେ ପିମ୍ପୁଡିଆ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ସୁକାନ୍ତ କୁମାର ନାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେଲେ ସେମାନଙ୍କୁ ଘର ଭଡ଼ା ସୂତ୍ରରେ ଯୋଗାଇ ଦିଆଯିବ ଏବଂ ପଞ୍ଚାୟତର ସ୍ୱାର୍ଥ ପାଇଁ ଅସ୍ଥାୟୀ ଦୋକାନକୁ ଭାଙ୍ଗିବାକୁ ଯୋଜନା କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

## ବିଷ ପିଇ ଗୁରୁତର ଆହତ ଯୁବକଙ୍କ ମୃତ

**ରସୁଲପୁର,୫।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ଗ୍ରାମର ଗାରେଜ ମିସ୍ତ୍ରୀ ଭାବରେ କାମ କରୁଥିବା ମାନସ କୁମାର ସାହୁଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ୪ଦିନ ତଳେ ମାନସ ବିଷ ପିଇ ଗୁରୁତର ହୋଇପଡିଥିଲେ। ତାଙ୍କୁ ତତ୍କ୍ଷଣାତ୍ ପରିବାର ଲୋକେ ସ୍ଥାନୀୟ ମଧୁବନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମାନସଙ୍କ ମୃତ୍ୟୁ ଘଟିଛି।

# କଣ୍ଟିଗାଡ଼ିଆ ବସ୍ତି ଉଚ୍ଛେଦକୁ ନେଇ ବଢୁଛି ବିବାଦ

**ଚଣ୍ଡିଖୋଲ, ୫।୨(ଡି.ଏନ୍.ଏ.)**

**ଥାନାରେ ଅଭିଯୋଗ କଲେ ପ୍ରଭାବିତ ଆଦିବାସୀ**

ଚଣ୍ଡିଖୋଲ-ପାରାଦୀପ ରାସ୍ତାର ଧର୍ମଶାଳା ଥାନା ଅନ୍ତର୍ଗତ କଣ୍ଟିଗଡ଼ିଆଠାରେ ରହୁଥିବା ୩୩ଟି ଆଦିବାସୀ ପରିବାରକୁ ଉଚ୍ଛେଦ କରି ସେଠାରେ ମଦ ଷ୍ଟକୟାର୍ଡ ନିର୍ମାଣ କରିବାକୁ ହୋଇଥିବା ଯୋଜନା ଆଦିବାସୀଙ୍କ ବିରୋଧ ଯୋଗୁ ବନ୍ଦ ରହିଛି। ଗତ ୧ତାରିଖରେ ସ୍ଥାନୀୟ ସରପଞ୍ଚଙ୍କ ସମ୍ପର୍କୀୟ ଚଣ୍ଡିଖୋଲ ଗାନ୍ଧୀଛକ ନିକଟରେ ରହୁଥିବା ୩୩ଗୋଟି ଆଦିବାସୀ ପରିବାରଙ୍କୁ ଦୀର୍ଘ ୩୦ବର୍ଷ ଧରି ରହି ଆସୁଥିବା ସ୍ଥାନରୁ ହଠାତ୍ ଉଚ୍ଛେଦ କରିବା ପାଇଁ ବୁଲଡୋଜର ମେଶିନ ଧରି ଆସି ସେଠାରେ ପହଞ୍ଚିଥିଲେ। ଯାହାକୁ ନେଇ ଆଦିବାସୀମାନେ ଉତ୍ତ୍ୟକ୍ତ ହୋଇ ଜାତୀୟ ରାଜପଥ ଅବରୋଧ କରିଥିଲେ। ସେମାନେ ଦୀର୍ଘ ୩୦ବର୍ଷ ହେବ କଣ୍ଟିଗଡିଆ ପଞ୍ଚାୟତର ୧ନଂ ୱାର୍ଡର ବାସିନ୍ଦା ଭାବେ ରହି ଆସୁଛନ୍ତି। ସେମାନଙ୍କୁ ପ୍ରଶାସନ ତରଫରୁ କୌଣସି ନୋଟିସ ଦିଆ ନ ଯାଇ ବୁଲଡୋଜର ଆଣି ଉଚ୍ଛେଦ କରିବାକୁ ଆସିବାକୁ ସେମାନେ ବିରୋଧ କରିଥିଲେ। ଏହି ଘଟଣାକୁ ନେଇ ବୁଧବାର ଧର୍ମଶାଳା ଥାନାରେ ଆଦିବାସୀମାନେ ଏତଲା ଦେଇଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ଦେଢ଼ଶୁର ମଦ ଷ୍ଟକୟାର୍ଡ କରିବା ନିମନ୍ତେ ଆଦିବାସୀଙ୍କୁ ଉଚ୍ଛେଦ କରିବାକୁ ବାଧ କରୁଛନ୍ତି। ଏପରିକି ସରପଞ୍ଚଙ୍କ ସ୍ୱାମୀ, ସରପଞ୍ଚଙ୍କ ଦେଢ଼ଶୁରଙ୍କ ସମେତ ୬ଜଣ ବ୍ୟକ୍ତି ସେମାନଙ୍କୁ ଉଚ୍ଛେଦ ପୂର୍ବରୁ ଧମକଚମକ ଦେବାସହ ମାରଣାସ୍ତ୍ର ଧରି ଅତର୍କିତ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେଣୁ ସେମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରିବାକୁ ସାଧୁ ମୁଣ୍ଡା, କାଳିଆ ଦାସ, ରୋହିତ ସୋରେନ୍, ବାଇଧର ପୂର୍ତ୍ତୀ, ସାଗର ଦାସ, ମୁନିଆ ସୋରେନ୍‌ଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଆଦିବାସୀ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେବ ଆଦିବାସୀମାନେ ସେଠାରେ ରହିବା ସହ ଭୋଟ ଦାନ କରୁଛନ୍ତି ଓ ସରକାରଙ୍କ ଠାରୁ ରାଶନ ସାମଗ୍ରୀ ପାଉଛନ୍ତି। ତେଣୁ ସେମାନେ ସେଠାରୁ କେବେ ବି ହଟିବେ ନାହିଁ ବୋଲି ଉଲ୍ଲେଖ କରିଛନ୍ତି। ଏସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କୁ ପଚାରିବାରେ ଅଭିଯୋଗ ହୋଇଛି। ଏନେଇ ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସଙ୍କଟରେ ଗ୍ରାମ୍ୟ ଜଙ୍ଗଲ: ଶୋଇଛି ବନ ବିଭାଗ

**ବିଞ୍ଝାରପୁର, ୫।୨**
**(ରାମକୃଷ୍ଣ ଦାସ )**

**ପ୍ରଶାସନିକ ସଚେତନତା ଅଭାବରୁ ରୋକି ହେଉନି ଗଛ କଟା**

ସମଗ୍ର ବିଶ୍ୱକୁ ଏବେ ପରିବେଶ ଜନିତ ବିପଦ ଘାରିଛି। ସେଥିପାଇଁ ବୁଦ୍ଧିଜିବୀ ମହଲଠାରୁ ଆରମ୍ଭ କରି ସରକାର ଓ ମିଳିତ ଜାତିସଂଘ ପର୍ଯ୍ୟନ୍ତ ପରିବେଶ ସୁରକ୍ଷା ପାଇଁ ଚିନ୍ତିତ ହୋଇପଡିଛନ୍ତି। ସେଥିପାଇଁ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି ପାଇଁ ବିଭିନ୍ନ ଦେଶର ସରକାର ଓ ସାମାଜିକ ସଂସ୍ଥା ଗୁରୁତ୍ୱ ଦେଉଛନ୍ତି। ହେଲେ ବିଞ୍ଝାରପୁର ବ୍ଲକରେ ବନ ବିଭାଗ ପକ୍ଷରୁ ଏନେଇ ସେତେଟା ତତ୍ପରତା ଦେଖିବାକୁ ମିଳୁ ନାହିଁ। ଏଠାରେ ବୃକ୍ଷ ରୋପଣ କରାଯିବା ପରିବର୍ତ୍ତେ ବନ ବିଭାଗର ପ୍ରୋତ୍ସାହନରେ ଗ୍ରାମ୍ୟ ଜଙ୍ଗଲ କ୍ରମେ ଲୁଟ ହେବାରେ ଲାଗିଛି। ଦୈନିକ ୨୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର, ପିକ୍ ଅପ୍ ଭ୍ୟାନ ଓ ମିନି ଟ୍ରକ୍‌ରେ କାଠ ସବୁ ଓଳାଭର, ରାଜକନିକା ଓ କଣ୍ଡିଆ ଆଦି ଅଞ୍ଚଳକୁ ଯୋଗାଣ ଚାଲିଛି। ବିଞ୍ଝାରପୁର ଅଞ୍ଚଳରେ କରତକଳ ସବୁ ବନ୍ଦ ପଡ଼ିଥିବାବେଳେ ରାଜକନିକା, ଓଳାଭର ଓ କଣ୍ଡିଆ ଅଞ୍ଚଳରେ ବେଧଡ଼କ ଭାବେ କରତକଳକୁ ବିଞ୍ଝାରପୁର ଅଞ୍ଚଳରୁ ଦୈନିକ ୨୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ପିକଅପ୍ ଭ୍ୟାନ ଓ ମିନିଟ୍ରକରେ ବେଆଇନ କାଠ ଯୋଗାଣ ଚାଲିଛି। ସବୁକିଛି ପୋଲିସ ଓ ବନ ବିଭାଗ ଗୋଚରରେ ଚାଲିଥିବା ଜଣା ପଡିଛି। ପୂର୍ବରୁ ବିଞ୍ଝାରପୁର ଅଞ୍ଚଳରେ ବିଭିନ୍ନ ପଞ୍ଚାୟତରେ ଆମ୍ବତୋଟା ଦେଖିବାକୁ ମିଳୁଥିଲା। ହେଲେ କିଛି ବର୍ଷ ମଧ୍ୟରେ ଏହି ଆମ୍ବତୋଟା କାଠ ମାଫିଆଙ୍କ ଯୋଗୁ ଏବେ ଲୋପ ପାଇଛି। ତାହାଛଡ଼ା ନିମ୍ବ, ଚାକୁଣ୍ଡା, ପୁଣ୍ଡିଆ, ଗମ୍ଭାରୀ, କଷି, ପଣସ, ଆମ୍ବ ଆଦି ବୃକ୍ଷ ଦୈନିକ ଶହ ଶହ ସଂଖ୍ୟାରେ କଟା ଯାଉଛି। କାଠ ମାଫିଆମାନେ ଏକ ସୁଚିନ୍ତିତ ଉପାୟରେ ଗ୍ରାମ୍ୟ ଜଙ୍ଗଲ ଲୁଟ କରି ଚାଲିଛନ୍ତି। ଘର କରଣା ସାମଗ୍ରୀ ଓ କବାଟ, ଟେବୁଲ, ଚେୟାର, ଝରକା, ଖଟ, ପଲଙ୍କ ଆଦି ତିଆରି ପାଇଁ ନିମ୍ବ, ଚାକୁଣ୍ଡା, ପଣସ, ପୁଣ୍ଡିଆ, ଗମ୍ଭାରୀ ଓ କଷି ଗଛ କାଠର ବେଶ୍ ଚାହିଦା ରହିଛି। ସେଥିପାଇଁ କାଠ ମାଫିଆମାନେ ପ୍ରତି ଗାଁରେ ଦଲାଲ ନିଯୁକ୍ତି କରିଛନ୍ତି। ବୃକ୍ଷ ପିଛା ୨ ହଜାରରୁ ଆରମ୍ଭ କରି ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଦେଇ ଗଛ ସବୁ କ୍ରୟ କରୁଛନ୍ତି। ପ୍ରଶାସନ ପକ୍ଷରୁ ପରିବେଶ ସଚେତନତା ନ ଥିବାରୁ ଗ୍ରାମାଞ୍ଚଳର ଲୋକମାନେ ନଗଦ ଟଙ୍କା ମୂଲ୍ୟରେ ଏହି ଗଛ ସବୁ ବିକ୍ରୟ କରି ଦେଉଛନ୍ତି। ନିଜ ଜମିରେ ବୃକ୍ଷ ରହିଥିଲେ ମଧ ବିନା କାରଣରେ କଟାଯାଇପାରିବ ନାହିଁ ବୋଲି ପ୍ରତିବନ୍ଧକ ଥାଇ ସୁଦ୍ଧା ବିଞ୍ଝାରପୁର ଅଞ୍ଚଳରେ ବେଧଡ଼କ ଗଛ କଟା ଚାଲିଛି। ଫଳରେ ବିଞ୍ଝାରପୁର ଅଞ୍ଚଳରେ ଗ୍ରାମ୍ୟ ଜଙ୍ଗଲ ଏକ ପ୍ରକାର ଲୋପ ହେବାକୁ ବସିଲାଣି। ଗ୍ରାମ୍ୟ ଜଙ୍ଗଲ ସମ୍ପର୍କରେ ଅନେକ ପରିବେଶବିତ୍ ଓ ସାମାଜିକ ସଂସ୍ଥା ପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ମଧ ବନବିଭାଗ କୌଣସି ପଦକ୍ଷେପ ନେଉ ନାହାନ୍ତି ବୋଲି ଅଭିଯୋଗ ହେଉଛି। ଅପରପକ୍ଷରେ କାଠ ମାଫିଆମାନେ ନିୟମିତ ଭାବେ ବନ ବିଭାଗକୁ ମାସିକିଆ ବଟି ଦେଇ ଏହି କାର୍ଯ୍ୟ ଚଳାଇଥିବା କେତେକ କାଠ ବ୍ୟବସାୟୀ ନିଜ ନାମ ପ୍ରକାଶ ନ କରି କହିଛନ୍ତି। ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆ ନ ଗଲେ ବିଞ୍ଝାରପୁର ଅଞ୍ଚଳରେ ଭବିଷ୍ୟତରେ ଆମ୍ବ, ଚାକୁଣ୍ଡା, ଗମ୍ଭାରୀ, ପୁଣ୍ଡିଆ, ପଣସ, ନିମ୍ବ ଓ କଷି ଭଳି ଗଛ ସମ୍ପୂର୍ଣ୍ଣ ଲୋପ ପାଇଯିବା ସମ୍ଭବନା ରହିଛି। ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ପରିବେଶବିତମାନେ ଦାବି କରିଛନ୍ତି। ଏନେଇ ବିଞ୍ଝାରପୁର ବନାଞ୍ଚଳ ବିଭାଗର ଅଧିକାରୀ ଦେବ ପଟ୍ଟନାୟକଙ୍କୁ ପଚାରିବାରେ ବିଞ୍ଝାରପୁର ବନ ଉପଖଣ୍ଡରେ ଯଦି ଏହି ଭଳି ଘଟଣା ଘଟୁଥାଏ ତାହାହେଲେ ତଦନ୍ତ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



## ସଂକ୍ଷେପରେ

### ବର୍ଷା ପାଇଁ ଭିତରକନିକା ମହୋତ୍ସବ ୧୪କୁ ଘୁଞ୍ଚିଲା

କେନ୍ଦ୍ରାପଡା ଅଫିସ, ୫।୨:କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ନଳିତାପାଟିଆ ଠାରେ ଆସନ୍ତା ୭ରୁ ୯ ତାରିଖ ପର୍ଯ୍ୟନ୍ତ ଭିତରକନିକା ମହୋତ୍ସବ ଅନୁଷ୍ଠିତ ହେବାକୁ ଥିଲା । ଏଥିପାଇଁ ଟେଣ୍ଟ ବନ୍ଧା କାମ ଚାଲିଥିଲା । ଜିଲାର ବିଭିନ୍ନ ସ୍ଥାନରେ ପୋଷ୍ଟର ମଧ ମରାଯାଇଥିଲା । ତେବେ ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଏହି ସମୟରେ ବର୍ଷା ହେବା ସମ୍ଭାବନା ଥିବାରୁ ମହୋତ୍ସବକୁ ଆସନ୍ତା ୧୪ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଏ ସମ୍ପର୍କରେ ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ମହୋତ୍ସବ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

### ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



ଡେରାବିଶ, ୫।୨(ସ୍ୱ.ପ୍ର.) : ଡେରାବିଶ ବ୍ଲକ ବସପୁର ପଞ୍ଚାୟତ ଅନ୍ତର୍ଗତ ଡିହବସପୁର ଗ୍ରାମର ଗ୍ରାମଦେବୀ ମା' ରାମଚଣ୍ଡୀ ଦେବୀଙ୍କ ନୂତନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ମଙ୍ଗଳବାର ଶୁଭାଧିବାସ, କଳସଯାତ୍ରା, ବିଗ୍ରହ ସ୍ଥାନାନ୍ତରୀକରଣ ଓ ଯଜ୍ଞାରମ୍ଭ ହୋଇଥିଲା। ବୁଧବାର ଘଟ ସ୍ଥାପନ, ମଣ୍ଡପ ପୂଜା, ନୂତନ ମନ୍ଦିର ପ୍ରତିଷ୍ଠା ପରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି । ଉତ୍ସବରେ ଅଜୟ କୁମାର ନାୟକ ଓ ଅଞ୍ଜନା ନାୟକ କାର୍ଯ୍ୟ ନିର୍ବାହ କରିଥିଲା ବେଳେ ବଣହରା ଗ୍ରାମର ବରିଷ୍ଠ ପୂଜକ ପଣ୍ଡିତ ପ୍ରସନ୍ନ ଷଡଙ୍ଗୀ ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିଥିଲେ । ଗ୍ରାମର ନକୁଳ ଚରଣ ନାୟକ, ପ୍ରଭାକର ନାୟକ, ଅନ୍ତର୍ଯ୍ୟାମୀ ନାୟକ, ପ୍ରମୋଦ କୁମାର ନାୟକ, ସଞ୍ଜୟ କୁମାର ନାୟକ, କାର୍ତ୍ତିକ ଚନ୍ଦ୍ର ବେହେରା, ଯଦୁମଣି ନାୟକ, ଗଗନ ବିହାରୀ ମହାନ୍ତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

### ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ

ମାର୍ଶାଘାଇ, ୫।୨ (ଡି.ଏନ୍.ଏ.): ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ବାଘଡିଆ ଗ୍ରାମର ପ୍ରସିଦ୍ଧ ଗୋଜବାୟାଣୀ ପୀଠରେ ରବିବାର ମାର୍ଶାଘାଇ ଉଚ୍ଚ ବିଦ୍ୟାଳୟର ୧୯୭୬ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସନ୍ତୋଷ ଜେନା, ଶରତ ଚନ୍ଦ୍ର ଦାସ, ମହେନ୍ଦ୍ର ମହାରଣା, ରଘୁନାଥ ବେହେରା, କେଦାର ଦାସ, ସତ୍ୟାନନ୍ଦ ବେଉରାଙ୍କ ସମେତ ୪୦ ଜଣ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ଉତ୍ସବରେ ବିଜୁ ପଟ୍ଟନାୟକ ଅଟ୍ଟେଇ କଲେଜର ଓଡିଆ ବିଭାଗର ଅଧାପକ ଡ. ଅଭୟ କୁମାର ରଥ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ମାର୍ଶାଘାଇ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଦାସ ଯୋଗ ଦେଇଥିଲେ । ପୁରାତନ ଛାତ୍ରମାନେ ଛାତ୍ର ଜୀବନର ଅନୁଭୂତି ବାଣ୍ଟିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଜିଲା ବିକାଶ ପାଇଁ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ

**ଜିଲା ଯୋଜନା କମିଟି ବୈଠକ**

କେନ୍ଦ୍ରାପଡା ଅଫିସ, ୫।୨




ବୈଠକରେ ଉପସ୍ଥିତ କମିଟିର ସଦସ୍ୟ ଓ ଅନ୍ୟମାନେ।

କେନ୍ଦ୍ରାପଡା ଜିଲା ଯୋଜନା କମିଟିର ବୈଠକ ସ୍ଥାନୀୟ ଡିଆରଡିଏ ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଯୋଜନା କମିଟି ଅଧ୍ୟକ୍ଷ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାର ବିକାଶ ପାଇଁ ମୋଟ ୧୧୨୬୧୬.୦୩ ଲକ୍ଷ ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ ଦିଆଯାଇଛି । ମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ ଯେ, କେନ୍ଦ୍ର ସରକାରଙ୍କ ଓଡିଶା ପ୍ରତି ଅବହେଳା ପ୍ରଦର୍ଶନ ସତ୍ତ୍ୱେ ରାଜ୍ୟ ସରକାର ନିଜସ୍ୱ ଚିନ୍ତାଧାରାରେ ପ୍ରଗତିର ରଥକୁ ଆଗକୁ ନେବାରେ ଉଦ୍ୟମ ଚଳାଇଛି । ରାଜ୍ୟ ସରକାରଙ୍କ ଯୋଜନା ଅନୁଯାୟୀ, ୨୦୨୧ ଜନଗଣନା ପରେ ୫ ହଜାର ଜନସଂଖ୍ୟା ବିଶିଷ୍ଟ ଗ୍ରାମକୁ ସହରାଞ୍ଚଳର ମାନ୍ୟତା ପାଇଁ ପାଇଲଟ ଯୋଜନା ପ୍ରସ୍ତୁତ ହେଉଛି। ଏଥିପାଇଁ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ ବୋଲି ସେ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ପ୍ରମୁଖ ଯୋଗଦେଇ ଜିଲା ବିକାଶର ନକ୍ସା ଆଙ୍କିଥିଲେ । ପ୍ରତି ପର୍ଯ୍ୟଟନ କ୍ଷେତ୍ରକୁ ଗମନାଗମନ ସୁବିଧା, ମେଡିକାଲ କଲେଜ, କେନ୍ଦ୍ରାପଡା ସ୍ୱୟଂଶାସିତ କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, କୃଷି ବିଦ୍ୟାଳୟ ପ୍ରତିଷ୍ଠା ଆଦିର ଆବଶ୍ୟକତା ଥିବା ପ୍ରକାଶ କରିଥିଲେ। ସେହିପରି ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠା, ପ୍ଲାଷ୍ଟିକ କାରଖାନା, ସେତୁ ନିର୍ମାଣ, ଜଳ ପରିଚାଳନାକୁ ସେମାନେ ଗୁରୁତ୍ୱ ଦେଇଥିଲେ । ଏଥିସହ ରାଜ୍ୟର ସର୍ବ ପୁରାତନ ପୌରପାଳିକାର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ସମ୍ପର୍କରେ ମନ୍ତ୍ରୀ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲା ପରିଷଦ ସଦସ୍ୟ ଗଣେଶ ଚନ୍ଦ୍ର ସାମଲ ଏଠାରେ ଜଗତସିଂହପୁର ଜିଲାର ସାରଳା ମନ୍ଦିର, କେନ୍ଦ୍ରାପଡାର ବଳଦେବଜୀଉ ମନ୍ଦିର ଓ ଯାଜପୁର ଜିଲାର ବିରଜା ମନ୍ଦିରକୁ ଯିବା ଲାଗି ଏକ ସଂଯୋଗୀ ରାସ୍ତା ନିର୍ମାଣ ପାଇଁ ଦାବି ଉପସ୍ଥାପନ କରିଥିଲେ । ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମାଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ କମିଟି ସଦସ୍ୟମାନେ ସାମିଲ ହୋଇଥିଲେ ।

### ବେକରେ ଦଉଡି ଦେଇ ଯୁବକଙ୍କ ଆତ୍ମହତ୍ୟା

ରାଜନଗର,୫।୨(ଡି.ଏନ.ଏ.)

ରାଜନଗର ଥାନା ଅନ୍ତର୍ଗତ ପରିପାଙ୍ଗରା ଗାଁର ସତ୍ୟକାନ୍ତ ପ୍ରଧାନ (୨୨)ମଙ୍ଗଳବାର ରାତିରେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପ୍ରକାଶ ଯେ, ଘରଠାରୁ ଏକ କିଲୋମିଟର ଦୂରରେ ଯାତ୍ରା ହେଉଥିଲା। ସତ୍ୟକାନ୍ତ ଘରୁ ଯାତ୍ରା ଦେଖିବାକୁ ଆସିଥିଲେ। ବିଳମ୍ବିତ ରାତ୍ରିରେ ସେ ତାଙ୍କ ଘରକୁ ଫୋନ କରି କହିଥିଲେ ମୁଁ ଯାଉଛି, ମୋତେ ଆଉ ପାଇବନି । ଏହାପରେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ବୁଧବାର ସକାଳେ ମୁଗକଣି ଗାଁ ନିକଟ ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତା ପାଖରେ ଥିବା ଏକ ଆକାଶୀ ଗଛରେ ସତ୍ୟକାନ୍ତଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଆତ୍ମହତ୍ୟାର ପ୍ରକୃତ କାରଣ ଜଣା ପଡିନାହିଁ । ପ୍ରେମ ପାଇଁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି।

## ଭଲ ମଣିଷ ଭାବେ ଗଢି ତୋଳିବାକୁ ଆହ୍ୱାନ

ଡେରାବିଶ,୫।୨(ସ୍ୱ.ପ୍ର.)




ବୈଠକରେ ଉପସ୍ଥିତ ଅତିଥିମାନେ।

ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ବଳଭଦ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୮ ତମ ବାର୍ଷିକୋତ୍ସବ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଗୁରୁଚରଣ ନାୟକ ପୌରୋହିତ୍ୟ କରିଥିଲେ। ଏଥିରେ ଯୁବନେତା ସଞ୍ଜୟ ଅଗ୍ରୱାଲ ମୁଖ୍ୟଅତିଥି , ଶିକ୍ଷା ବିକାଶ ସମିତିର ଆଳି ସଙ୍କୁଳ ପ୍ରମୁଖ କପିଳ ଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ନିଷ୍ଠାପର ଭାବେ ଅଧ୍ୟୟନ କରିବା ସହ ପିତାମାତା ଓ ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ କହିଥିଲେ । ଜିଲା ପରିଷଦ ସଭ୍ୟା ମନୋରମା ସାହୁ, ସାମାଜିକ କର୍ମୀ ଦେବାଶିଷ ଆଚାର୍ଯ୍ୟ ଓ ଗୋଲରାହାଟ ପ୍ରାଥମିକ ସମବାୟ ସମିତି ସଭାପତି ବୈଷ୍ଣବ ଚରଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ଭାବେ ଗଢି ତୋଳିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ମୁଖ୍ୟଅତିଥି ଅଗ୍ରୱାଲଙ୍କୁ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି ଏହାର ନିରାକରଣ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ କହିଥିଲେ। ପ୍ରାରମ୍ଭରେ ବିଦ୍ୟାମନ୍ଦିରର ଉପଦେଷ୍ଟା ପ୍ରସନ୍ନ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁମା ମଞ୍ଜୁଲତା ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଭାସ୍କରଚନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମଦ ଦୋକାନ ଉଚ୍ଛେଦ ଦାବି

କେନ୍ଦ୍ରାପଡା ଅଫିସ, ୫।୨

କେନ୍ଦ୍ରାପଡା ସହର ନିକଟ ସାନ୍ତସାହି ଗଣ୍ଡାଖିଆ କେନାଲ ବନ୍ଧ ମୁଖ୍ୟ ରାସ୍ତାରେ ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଏହି ମଦ ଦୋକାନକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏନେଇ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର, କଂସାର, ପୁରୁଷୋତ୍ତମପୁର, ଆୟବା ଏବଂ ପଟ୍ଟାମୁଣ୍ଡାଇ ବ୍ଲକର କେତେକ ପଞ୍ଚାୟତବାସୀ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏ ସମ୍ପର୍କରେ କଂସାର ଗ୍ରାମର ସନ୍ତୋଷ ବେହେରା କହିଛନ୍ତି ଯେ, ମଦ ଦୋକାନ ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଏହି ବ୍ୟକ୍ତିମାନେ ରାସ୍ତାରେ ଗାଡି ମୋଟର ରଖିବା ଦ୍ୱାରା ରାସ୍ତା ଜାମ ହେବା ସହ ମହିଳା ଓ ଛାତ୍ରୀଙ୍କୁ ଅଶାଳୀନ ବ୍ୟବହାର ଦେଖାଉଛନ୍ତି । ଏହି ରାସ୍ତାରେ ପ୍ରତିଦିନ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ଯାତାୟାତ କରୁଛନ୍ତି । ତୁରନ୍ତ ମଦ ଦୋକାନ ବନ୍ଦ ନ ହେଲେ ୭ ପଞ୍ଚାୟତବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସନ୍ତୋଷ ପ୍ରକାଶ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ କଂସାର ସରପଞ୍ଚ ପ୍ରଦ୍ୟୁମ୍ନ କୁମାର ଜେନା, ଓସ୍ତପୁର ସରପଞ୍ଚ ସନାତନ ବାରିକ, ପୁରୁଷୋତ୍ତମପୁର ସରପଞ୍ଚ ରମେଶଚନ୍ଦ୍ର ସାହାଣୀ, ବାନାମ୍ବର ବେହେରାଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ ।

## ପୂଜାକୁ ନେଇ ହାତାହାତି ଭିଡିଓ ଭାଇରାଲ

ରାଜନଗର,୫।୨(ଡି.ଏନ.ଏ.)

ରାଜନଗର ବ୍ଲକ ବାରଗାଁର ମା'ମାଟିଆ ମଙ୍ଗଳା ମନ୍ଦିରରେ ବ୍ରାହ୍ମଣଙ୍କ ବଦଳରେ ସ୍ଥାନୀୟ ରାଉଳ ସଂପ୍ରଦାୟର ପରିବାର ମା'ଙ୍କ ପୂଜାରେ କେଉଁ ଆବାହମାନ କାଳରୁ ନିୟୋଜିତ ଅଛନ୍ତି। ରାଉଳ ପରିବାର ମାସରେ ପାଳି କରି ମା'ଙ୍କ ସେବା କରିଥାନ୍ତି। ଗତ ସପ୍ତାହରୁ ମା'ଙ୍କ ସେବା ପୂଜା ପାଇଁ ନିୟୋଜିତ ହୋଇଥିବା ରାଉଳ ପରିବାରର ଦୁଇଭାଇଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଏପରି କି ମା'ଙ୍କ ସେବା ଛାଡି ହାତାହାତି ହେବାର ଦୃଶ୍ୟ ନେଇ ବୁଧବାର ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଭାଇରାଲ ହୋଇଥିବା ଭିଡିଓରେ ୩ ଜଣ ମହିଳା ଓ ଜଣେ ପୁରୁଷ ପ୍ରଥମେ ମା'ଙ୍କ ମନ୍ଦିରରେ ପାଟିତୁଣ୍ଡ କରିବା ସହ ମାଡଗୋଳ ଲାଗିଥିଲେ।

### ଶିକ୍ଷକଙ୍କ ବର୍ଦ୍ଧିତ ଦରମା ମଞ୍ଜୁର ନ କରିବା ପ୍ରତିବାଦରେ ଆମରଣ ଅନଶନ ଚେତାବନୀ

ପଟ୍ଟାମୁଣ୍ଡାଇ,୫।୨(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ହାଇସ୍କୁଲର ସହକାରୀ ଶିକ୍ଷକ ବଳଭଦ୍ର ପ୍ରସାଦ ରାଉତଙ୍କ ବର୍ଦ୍ଧିତ ଦରମା ୨୦୧୬ ମସିହା ଠାରୁ ଏ ପର୍ଯ୍ୟନ୍ତ ପଡି ରହିଛି । ପଟ୍ଟାମୁଣ୍ଡାଇ ବିଇଓ ଭ୍ରମରବର ବିଶ୍ୱାଳ ଏ ପର୍ଯ୍ୟନ୍ତ ସହକାରୀ ଶିକ୍ଷକ ରାଉତଙ୍କ ବର୍ଦ୍ଧିତ ଦରମା ୩ ଲକ୍ଷ ୮୫ ହଜାର ଟଙ୍କା ମଞ୍ଜୁର ନ କରିବା ଫଳରେ ଶିକ୍ଷକ ଓ ତାଙ୍କ ପରିବାର ନାନା ଅସୁବିଧା ମଧ୍ୟରେ ଦିନ କାଟୁଛନ୍ତି । ବାରମ୍ବାର ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ଏହାର ପ୍ରତିବାଦରେ ଶିକ୍ଷକ ରାଉତ ଆସନ୍ତା ୧୦ ତାରିଖ ସୋମବାର ପଟ୍ଟାମୁଣ୍ଡାଇ ଶିକ୍ଷା ଜିଲା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବାକୁ ଦରଖାସ୍ତ ମାଧ୍ୟମରେ ଚେତାଇ ଦେଇଛନ୍ତି । ଏଥିସହିତ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଏସ୍‌ପି, ଜିଲା ଶିକ୍ଷାଧିକାରୀ, ଶିକ୍ଷା କମିଶନର , ଗଣଶିକ୍ଷା ମନ୍ତ୍ରୀ, ପଟ୍ଟାମୁଣ୍ଡାଇ ପୋଲିସ ଓ ପଟ୍ଟାମୁଣ୍ଡାଇ ସବ୍-ଡିଭିଜନାଲ ଚିକିତ୍ସାଧିକାରୀଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି । ଅନଶନରେ ବସିଲେ ଶିକ୍ଷକ ରାଉତଙ୍କ ସହିତ ଶିକ୍ଷକ ସଂଘର ସମସ୍ତ କର୍ମକର୍ତ୍ତା ସାମିଲ ହେବେ ବୋଲି ଜଣାପଡିଛି ।

### ଜୁଆଣିଆ ଗୋଷ୍ଠୀ ସଂଘର୍ଷ : ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ

ଆଳି,୫।୨(ଡି.ଏନ.ଏ.)

ସରସ୍ୱତୀ ପୂଜା ଭସାଣିକୁ ନେଇ ଆଳି ଥାନା ଅନ୍ତର୍ଗତ ଜୁଆଣିଆ ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା । ଏହି ବିବାଦର ସମାଧାନ କରିବା ନିମନ୍ତେ ଶୁକ୍ରବାର ଏକ ଶାନ୍ତି କମିଟି ବୈଠକ ଗ୍ରାମରେ ଅନୁଷ୍ଠିତ ହେବ। ଏହି ବୈଠକରେ ଉଭୟ ଗୋଷ୍ଠୀର ଲୋକଙ୍କ ସହିତ ଗ୍ରାମର ମୁରବୀମାନେ ଉପସ୍ଥିତ ରହି ଘଟଣା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯିବ। ପରେ ଗ୍ରାମରେ ଶାନ୍ତି ଫେରାଇ ଆଣିବାକୁ ଚେଷ୍ଟା କରାଯିବ ବୋଲି ଏସଡିପିଓଙ୍କ ଠାରୁ ସୂଚନା ମିଳିଛି।

### ଭେରାଇଟି ଷ୍ଟୋରରେ ଅଗ୍ନିକାଣ୍ଡ
## ନିଆଁ ଲଗାଯାଇଥିବା ସନ୍ଦେହ

ଆଳି,୫।୨(ଡି.ଏନ.ଏ.)

ମଙ୍ଗଳବାର ବିଳମ୍ବିତ ରାତିରେ ଆଳି ନିଆଳ ହାଟଠାରେ ଥିବା ରାନୀ ଭେରାଇଟ ଷ୍ଟୋର ଓ ଲେଡିଜ କର୍ଣ୍ଣରରେ ଅଗ୍ନିକାଣ୍ଡ ଘଟି ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। କେହି ଦୁର୍ବୃତ୍ତ ଦୋକାନରେ ନିଆଁ ଲଗାଇ ଦେଇଥିବା ଦୋକାନ ମାଲିକ ପଦନପୁର ଗ୍ରାମର ସେକ୍ ନଜିରୁଲ ଆଳି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ନଜିରୁଲ ମଙ୍ଗଳବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ । ବୁଧବାର ସକାଳେ ତାଙ୍କ ଦୋକାନରେ ନିଆଁ ଲାଗିଥିବା ଖବର ପାଇ ଦୋକାନ ନିକଟରେ ପହଞ୍ଚି ଥିଲେ । ଏହି ଅଗ୍ନିକାଣ୍ଡରେ ପ୍ରାୟ ୫ ଲକ୍ଷ ଟଙ୍କାର ସାମଗ୍ରୀ ଜଳି ଯାଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି । କେହି ଦୁର୍ବୃତ୍ତ ଦୋକାନ ସଟରକୁ ଗୋଟେ କଣରୁ ଅଳ୍ପ ଟାଣି ସେହି ବାଟେ ନିଆଁ ଲଗାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ତାଙ୍କ ସହ ବିବାଦ ଥିବା ବ୍ୟକ୍ତି ଏହି କାଣ୍ଡ ଭିଆଇଥିବା ନେଇ ସେ ସନ୍ଦେହ ପ୍ରକଟ କରିଛନ୍ତି। ପୋଲିସ ଘଟଣାସ୍ଥଳ ଯାଇ ତଦନ୍ତ କରି ଫେରି ଯାଇଛି।

## ତୁଳସୀ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ମାର୍ଶାଘାଇ, ୫।୨ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତର ନରେନ୍ଦ୍ରପୁର ଗ୍ରାମସ୍ଥିତ ତୁଳସୀ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ତଥା ବାଳିକା ଆତ୍ମରକ୍ଷା କୌଶଳ ଶିବିର ଇତିମଧ୍ୟରେ ଉଦ୍‌ଯାପିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ଜିଲାର ସମସ୍ତ ସଂସ୍କୃତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା , ଗୀତା ଆବୃତ୍ତି , ଓ ଦେଶାତ୍ମବୋଧକ ଗୀତ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବିଚାରପତି ଭାବେ ପଣ୍ଡିତ ଧ୍ରୁବ ଚରଣ ପଣ୍ଡା , ଅଧାପକ ସମ୍ରାଟ ବିପିନ ବିହାରୀ ଦାସ, ଚନ୍ଦ୍ରକାନ୍ତ ମିଶ୍ର, ଚିନ୍ମୟ ମହାନ୍ତି ଏବଂ ତୁଳସୀ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ପାଣି ଯୋଗ ଦେଇଥିଲେ । ସେହିପରି ଉତ୍ସବର ଦ୍ୱିତୀୟ ଅଧିବେଶନରେ ମହାବିଦ୍ୟାଳୟର ଅଧକ୍ଷ ସୁକାନ୍ତ କୁମାର ଦାସ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା ସଦର ଥାନା ଆଇଆଇସି ପ୍ରମୋଦ କୁମାର ମଲ୍ଲିକ, ମୁଖ୍ୟବକ୍ତା ଭାବେ ସମାଜସେବୀ ଭି.ସି. ମଲ୍ଲ,ସମ୍ମାନିତ ଅତିଥି ଭାବେ ଅଭୟା ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଜନ୍ମେଜୟ ଶତପଥୀ, ଗୋପୀନାଥପୁର ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଅଧାପକ ସୁକାନ୍ତ କୁମାର ଜେନା, ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ଉପେନ୍ଦ୍ର ପ୍ରସାଦ ପୃଷ୍ଟି ଓ ପ୍ରଭଞ୍ଜନ ପଟ୍ଟନାୟକ ଯୋଗଦେଇ ସେମାନଙ୍କର ଅଭିଭାଷଣ ରଖିଥିଲେ । ପ୍ରାରମ୍ଭରେ ଅଧାପକ ହେମନ୍ତ କୁମାର ପତି ବେଦ ପାଠ କରିଥିଲେ । ଅଧାପକ କିଶୋର ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ସୌଭାଗ୍ୟ ଚନ୍ଦ୍ର ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧାପିକା ବନିତାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।




ଡେରାବିଶ ବ୍ଲକ କୁଶିଆପାଳ ମଡର୍ନ ପବ୍ଲିକ ସ୍କୁଲର ରୌପ୍ୟ ଜୟନ୍ତୀ ଅବସରରେ ଅଞ୍ଚଳର ଖବରକାଗଜ ବିତରକ କିଶୋର ଚନ୍ଦ୍ର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**କନପୁର ହାଇସ୍କୁଲ**

ରାଜକନିକା,୫।୨(ଡି.ଏନ୍.ଏ.)



ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ।

ରାଜକନିକା ବ୍ଲକ ବାରାହା ଦୋମଣ୍ଡା ପଞ୍ଚାୟତର କନପୁର ହାଇସ୍କୁଲ ପରିସରରେ ବୁଧବାର ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ କନପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଚନ୍ଦନ କୁମାର ନାୟକ ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ବ୍ରଜବନ୍ଧୁ ହାଇସ୍କୁଲର ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ପଡିହାରୀ,ସମ୍ମାନିତ ଅତିଥି ଭାବେ ସୁଶାନ୍ତ ଦାସ ଓ ମୁଖ୍ୟବକ୍ତା ଭାବେ ଶିବରାମ ଦାସ ଯୋଗଦେଇ କହିଥିଲେ ଯେ, କେନ୍ଦ୍ରାପଡା, ଯାଜପୁର ଓ ଭଦ୍ରକ ଜିଲାର ଉପାନ୍ତ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଛି ଏହି ଉଚ୍ଚ ବିଦ୍ୟାଳୟ । ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଦୀର୍ଘ ୨୫ ବର୍ଷ ଧରି ମାଟ୍ରିକ ପରୀକ୍ଷାରେ ଭଲ ନମ୍ବର ରଖି ପାସ କରି ଆସୁଛନ୍ତି। କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମାଙ୍କ ୧୦୦ ଶିକ୍ଷା ମିଶନକୁ ସମ୍ପୂର୍ଣ୍ଣ ସାକାର କରିବା ପାଇଁ ଏହି ବିଦ୍ୟାଳୟର ସମସ୍ତ ମାଟ୍ରିକ ପରୀକ୍ଷାର୍ଥୀ ନେଇଥିବା ଶପଥ ଅନ୍ୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପରେ ଗଭୀର ପ୍ରଭାବ ପକାଇବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଅବୈତନିକ ଭାବେ ଶିକ୍ଷାଦାନ ଦେଉଥିବା ଏକାଦଶୀ ପରିଡା ଓ ବିଷ୍ଣୁ ଚରଣ ମହାପାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ମଦନ ମୋହନ କୁଣ୍ଡ, ଭଜ ଗୋବିନ୍ଦ ପରିଡା, ପ୍ରତାପ ଶତପଥୀ, ରମେଶ ଚନ୍ଦ୍ର ବିଶ୍ୱାଳ, ଶାଶ୍ୱତୀ ନାୟକ, ପଙ୍କଜିନୀ ମହାପାତ୍ର ପ୍ରମୁଖ ଯୋଗଦେଇ ମାଟ୍ରିକ ବ୍ୟାଚର ସମସ୍ତ ପରୀକ୍ଷାର୍ଥୀଙ୍କ ସଫଳତା କାମନା କରିଥିଲେ । ବିଦାୟୀ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶ୍ରାବଣୀ, ରୋଜାଲିନ, ଦୀପିକା, ଲିଲିପ୍ସା, ଆୟୁଷ୍ମିତା, ଅମ୍ବିକା,ଶିତିଶ ପ୍ରମୁଖ ସେମାନଙ୍କର ୩ ବର୍ଷର ଛାତ୍ର ଜୀବନର ଅଭିଜ୍ଞତାକୁ ବଖାଣି ଥିଲେ । ଶିକ୍ଷକ ନିରୋଦ ରାଉତଙ୍କ ସଂଯୋଜନାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଦାୟୀ ସଙ୍ଗୀତ ସହ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରା ଯାଇଥିଲା । ଭଜରାମ ସେଠୀ, ପ୍ରତାପ ମହାପାତ୍ର, ବାଇଧର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଜରିମୂଳରେ ଆଇନ ସଚେତନତା ଶିବିର

ରାଜନଗର,୫।୨(ଡି.ଏନ.ଏ.)

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ତରଫରୁ ବୁଧବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ଜରିମୂଳସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ଶିବିରର ଆୟୋଜନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତିର ଅଧକ୍ଷ କିଶୋର କୁମାର ନାଥଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ନାଗରିକଙ୍କ ମୌଳିକ ଅଧିକାର ଓ କର୍ତ୍ତବ୍ୟ ଉପରେ ସଚେତନ କରାଯାଇଥିଲା । ପଟ୍ଟାମୁଣ୍ଡାଇ ବାର ଆସୋସିଏଶନର ସଂପାଦକ ରବୀନ୍ଦ୍ର କୁମାର ଦାଶ ଯୋଗଦେଇ ନିଶୁଳ୍କ ଆଇନ ସେବା ଉପରେ ଆଲୋଚନା କରିଥିଲେ। ପିଏଲଭି ପ୍ରଫୁଲ୍ଲ କୁମାର ଦାସ, ପୀତାମ୍ବର ସ୍ୱାଇଁ, ଅନ୍ନପୂର୍ଣ୍ଣା ସାମଲ, ମୋହନ କୁମାର ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଅର୍ବାନ ବ୍ୟାଙ୍କରେ ବେଆଇନ ନିଯୁକ୍ତି ଘଟଣା
## କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ସମବାୟ ମନ୍ତ୍ରୀଙ୍କ ସୂଚନା

କେନ୍ଦ୍ରାପଡା ଅଫିସ, ୫।୨

କେନ୍ଦ୍ରାପଡା ଅର୍ବାନ କୋ ଅପରେଟିଭ ବ୍ୟାଙ୍କରେ ବେଆଇନ ନିଯୁକ୍ତି ଘଟଣାକୁ ନେଇ ରାଜ୍ୟ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୁଧବାର କେନ୍ଦ୍ରାପଡାରେ ନିଜର ମତ ପ୍ରକାଶ କରିଛନ୍ତି । ଏହି ନିଯୁକ୍ତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବ୍ୟାଙ୍କର ସଦସ୍ୟ ସ୍ମୃତିରଞ୍ଜନ ଜେନା ବ୍ୟାଙ୍କରେ ୧୨ ଜଣଙ୍କ ନିଯୁକ୍ତି ଓ ସିଇଓଙ୍କ କାର୍ଯ୍ୟରେ ଅନିୟମିତତା ଥିବା ଦର୍ଶାଇ ସମବାୟ ସମୂହ ରେଜିଷ୍ଟ୍ରାରଙ୍କୁ ଚିଠି ଲେଖିଥିଲେ । ସମବାୟ ସମୂହ ରେଜିଷ୍ଟ୍ରାର ଏହାର ତଦନ୍ତ ପାଇଁ ଗତ ୨୦୧୯ ସେପ୍ଟେମ୍ବର ୧୬ରେ ଡିଆରସିଏସଙ୍କୁ ଚିଠି (ନଂ- ୨୦୦୬୦) କରିଥିଲେ । ଏହି ଅନିୟମିତତା ସମ୍ପର୍କରେ ଧରିତ୍ରୀରେ ପ୍ରଥମେ ଖବର ପ୍ରକାଶ ପାଇବା ପରେ ତଦନ୍ତ ତ୍ୱରାନ୍ୱିତ ହୋଇଥିଲା । ଅନିୟମିତତା ସମ୍ପର୍କରେ ଆଲୋଚନା ଜୋର ଧରିବାରୁ ବ୍ୟାଙ୍କର ନିର୍ଦ୍ଦେଶକ ଫକୀର ଖଟୁଆ, ମହେନ୍ଦ୍ର ପରିଡା, ସର୍ବେଶ୍ୱର ସେଠୀ, ଅପର୍ଣ୍ଣା ମହାନ୍ତି, ମହମ୍ମଦ ଆକବର ଅଲ୍ଲୀ ଓ ସିଇଓ ସୁଶିଲ କୁମାର ସାମଲ ବ୍ୟାଙ୍କ ପରିସରରେ ଏକ ଖବରଦାତା ସମ୍ମିଳନୀ ପୂର୍ବାହ୍ନରେ ଆୟୋଜିତ କରିଥିଲେ । ଏଠାରେ ସେମାନେ ଦର୍ଶାଇଥିଲେ ଯେ, ବ୍ୟାଙ୍କର ୪ କର୍ମଚାରୀଙ୍କ ଦେହାନ୍ତ ହୋଇଥିବା ବେଳେ ୫ ଜଣ ଅବସର ନେଇଛନ୍ତି । ଏଥିସହିତ ଚଳିତବର୍ଷ ୬ ଜଣ କର୍ମଚାରୀ ଅବସର ନେବାକୁ ଅଛି । ଏହି ଦୃଷ୍ଟିରୁ ୧୨ ଜଣଙ୍କୁ କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଇଛି । ତେବେ ଏହି ନିଯୁକ୍ତି ସମ୍ପର୍କରେ ଥିବା ନିୟମ ପାଳନ ହୋଇଛି କି ନାହିଁ ସେ ନେଇ ଗଣମାଧମ ପ୍ରତିନିଧିମାନେ ପଚାରିଥିବା ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ । ସେହିପରି ପ୍ରଭାସ ଚନ୍ଦ୍ର ମିଶ୍ରଙ୍କୁ ବ୍ୟାଙ୍କ ପକ୍ଷରୁ ୬୫ ଲକ୍ଷ ଟଙ୍କା ଋଣ ଦିଆଯାଇଛି । କିନ୍ତୁ ସେ ଏଥିନେଇ ଆବଶ୍ୟକ ବନ୍ଧକ ଦେଇଛନ୍ତି କି ନାହିଁ ପ୍ରଶ୍ନରେ ସେମାନେ ଋଣ ନେଇଥିବା ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯାଉଥିବା ସୂଚନା ଦେଇଥିଲେ । ତେବେ ଏହି ଅନିୟମିତତା ନେଇ ଜିଲା ଯୋଜନା କମିଟି ବୈଠକରେ ଯୋଗ ଦେଇଥିବା ସମବାୟ ମନ୍ତ୍ରୀ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ତଦନ୍ତ ରିପୋର୍ଟ ହସ୍ତଗତ ହୋଇଛି । ଖୁବଶୀଘ୍ର ଅନିୟମିତତାରେ ସଂପୃକ୍ତ ଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।



"ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
-ନେପୋଲିୟନ



## ସଂକ୍ଷେପରେ

### ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଯାଜପୁର ଟାଉନ୍, ୫।୨ (ଡି.ଏନ୍.ଏ.): ଯାଜପୁର ଜିଲା ସ୍କୁଲର ୧୯୬୫ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ସ୍ଥାନୀୟ ତ୍ରିଲୋଚନେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଦନ ମୋହନ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ଦିବଂଗତ ବନ୍ଧୁମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ମଦନମୋହନ ପଣ୍ଡା, ଉପସଭାପତି ଅରୁଣ କୁମାର ମହାପାତ୍ର, ସମ୍ପାଦକ ଜିତେନ୍ଦ୍ର କୁମାର ନାୟକ, ସହ ସମ୍ପାଦକ ଗୋପୀନାଥ ମହାନ୍ତି, କୋଷାଧକ୍ଷ ବଟକୃଷ୍ଣ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ପ୍ରଭାକର ମିଶ୍ର, ରଘୁନାଥ ମିଶ୍ର, ସୁବୋଧ ନାଥଶର୍ମା, ରମାକାନ୍ତ ସାହୁ, ଚିନ୍ତାମଣି ପତି, ମୁରଲୀ ପଣ୍ଡା, ପଦ୍ମଜା ନାୟକ, ବୈକୁଣ୍ଠ ତ୍ରିପାଠୀ, ଜଗନ୍ନାଥ ସାହୁ, ଅରୁଣା ରାୟ, ପ୍ରଫୁଲ୍ଲ ବଳ, ଫଙ୍କୁଜ୍ ଜମାନ୍, କମ୍ରୁଜ୍ ଜମାନ, ଶ୍ରୀମନ୍ତ ପାତ୍ର, ଶଙ୍କର୍ଷଣ ସାହୁ, ନରେନ୍ଦ୍ର ପାଢ଼ୀ, କମଳେନ୍ଦୁ ଚକ୍ରବର୍ତ୍ତୀ ଅରୁଣ ମହାପାତ୍ର ପ୍ରମୁଖ ପୁରାତନ ଛାତ୍ର ଯୋଗ ଦେଇଥିଲେ।

# ରେଳ ବଜେଟରେ ଯାଜପୁର ନିରାଶ

ଯାଜପୁର ଅଫିସ,୫।୨

ରେଳବଜେଟ ୨୦୨୦-୨୧ ଓଡ଼ିଶା ଏବଂ ବିଶେଷକରି ଯାଜପୁର ଜିଲା ପାଇଁ ନିରାଶଜନକ ହୋଇଛି। ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନରୁ ଧାମରା(ଭାୟା-ବିରଜାକ୍ଷେତ୍ର ଓ ଆରଡି)କୁ ସିଧାସଳଖ ଟ୍ରେନ ସଂଯୋଗ ପାଇଁ ଦୀର୍ଘବର୍ଷର ଦାବି ଚଳିତ ବଜେଟରେ ମଧ୍ୟ ଉପେକ୍ଷିତ ହୋଇଛି। ଏହାସହ ଯାଜପୁରରୋଡ ରେଳୱେ ଷ୍ଟେଶନରେ ଦ୍ୱିତୀୟ ଫ୍ଲାଏଓଭର ବ୍ରିଜ ପାଇଁ ମଧ୍ୟ ବଜେଟ ସମ୍ପୂର୍ଣ୍ଣ ନୀରବ ରହିଛି। ଷ୍ଟେଶନଗୁଡ଼ିକର ଆଧୁନିକୀକରଣ ତାଲିକାରେ ମଧ୍ୟ ଯାଜପୁରରୋଡ ଷ୍ଟେଶନ ସ୍ଥାନ ପାଇ ନ ଥିବାବେଳେ ଡିଭିଜନ ମାନ୍ୟତା ଦାବି ମଧ୍ୟ ମିଳି ପାରିନାହିଁ। ତେବେ ଅନୁଗୋଳ-ସୁକିନ୍ଦା ନୂତନ ରେଳପଥ ନିର୍ମାଣ ପାଇଁ ୪୫୦ କୋଟି ଓ ହରିଦାଶପୁର-ପାରାଦୀପ ନୂତନ ରେଳପଥ ନିର୍ମାଣ ପାଇଁ ୧୦୦କୋଟି ଟଙ୍କା ବଜେଟରେ ମଞ୍ଜୁର ହୋଇଛି। ଏହି ପରିପ୍ରେକ୍ଷୀରେ ଅଞ୍ଚଳରେ ରେଳବାଇର ଭିତ୍ତିଭୂମିର ବିକାଶ ପ୍ରତି ଅବହେଳା କରାଯାଇଥିବାରୁ ରେଳବଜେଟକୁ ନେଇ ନିରାଶା ପ୍ରକାଶ ପାଇଛି।

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତଟ ରେଳପଥ ପକ୍ଷରୁ ଯାଜପୁର ରୋଡରୁ ଧାମରା ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ନିମନ୍ତେ ୨୦୧୨-୧୩ରେ ସର୍ବେକ୍ଷଣ ହୋଇଥିଲା। ୨୦୧୫ ଏପ୍ରିଲରେ ରେଳ ମନ୍ତ୍ରଣାଳୟ ଅଧିନସ୍ଥ ରେଳବାଇ ବୋର୍ଡ଼ନିକଟରେ ଏ ସଂକ୍ରାନ୍ତୀୟ ନଥିପତ୍ର ଦାଖଲ କରାଯାଇଥିଏ। ଦୀର୍ଘ ୯୯.୯୫ କିମିର ଏହି ରେଳପଥ ନିର୍ମାଣ ପାଇଁ ୯୯୫କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସେତେବେଳ ଆକଳନ ମଧ୍ୟ ହୋଇଥିଲା। ଏହି ରେଳପଥ ନିର୍ମାଣ ହେଲେ ପୂର୍ବତଟ ରେଳବାଇ ବର୍ଷକୁ ୩୩ପ୍ରତିଶତ ଲାଭବାନ ହେବ ବୋଲି ସର୍ଭେ କରିଥିବା ଅଧିକାରୀମାନେ ଜଣାଇଛନ୍ତି। ଯାଜପୁରରେ ବିଶ୍ୱପ୍ରସିଦ୍ଧ କ୍ଷେତ୍ରେଶ୍ୱରୀ ମା' ବିରଜାଙ୍କ ଶକ୍ତିପୀଠ ଥିବାବେଳେ ଭଦ୍ରକ ଜିଲାର ଆରଡ଼ିଠାରେ ବିଶ୍ୱପ୍ରସିଦ୍ଧ ଆଖଣ୍ଡଳମଣୀ ଧାମ ରହିଛି। ଏହି ଦୁଇଟି ସ୍ଥାନକୁ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ଯାତ୍ରୀମାନେ ଆସି ଦର୍ଶନଲାଭ କରିଥାନ୍ତି। ଏହି ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ଭବ ହେବ। ଯାଜପୁର ଜିଲାର କଳିଙ୍ଗନଗର ଏସିଆ ମହାଦେଶର ଇସ୍ପାତ ରାଜଧାନୀଭାବେ ପରିଗଣିତ ହୋଇସାରିଲାଣି। ଏଠାରୁ ଧାମରା ଦେଇ ଦେଶ ବିଦେଶକୁ ମାଲ ପରିବହନ କରିବା ପାଇଁ ସୁଗମ ହେବ।




■ସ୍ଥାନ ପାଇଲାନି ଧାମରାକୁ ନୂତନ ରେଳପଥ
■ଯାଜପୁରରୋଡ୍‌ରେ ଡିଭିଜନ, ଫ୍ଲାଏଓଭର ନୋହିଲା
■ସର୍ଭେରେ ସୀମିତ ଫ୍ଲାଏଓଭର ପ୍ରକଳ୍ପ

ଏହି ରେଳପଥ ନିର୍ମାଣ ଦ୍ୱାରା ଜିଲାର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ପରିବହନ ଉନ୍ନତି ଆସିବା ସହିତ ଖାଉଟି ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଅଧିକ ସୁବିଧାଜନକ ହେବ ବୋଲି ଦାବି ହୋଇ ଆସିଛି। ହେଲେ ଚଳିତ ବଜେଟରେ ଏହି ପ୍ରକଳ୍ପକୁ ସ୍ଥାନ ମିଳି ନ ଥିବାରୁ ଜିଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସମୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାସହ ଗତ ଲୋକ ସଭା ଶୀତ ଅଧିବେଶନରେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ସ୍ୱତନ୍ତ୍ର ରେଳ ଡିଭିଜନ ମାନ୍ୟତା ଦେବାକୁ ଦାବି କରିଥିଲେ। ସେତାଙ୍କ ଦାବିରେ ଦର୍ଶାଇଥିଲେ ଯେ, କେନ୍ଦ୍ର ସରକାର ଯାଜପୁର ଜିଲାର କଳିଙ୍ଗନଗରକୁ ଏସିଆର ବୃହତ ଶିଳ୍ପ ହବ୍ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଯାଜପୁରରେ ଏକ ରେଲୱେ ଡିଭିଜନ ସ୍ଥାପନ ପାଇଁ ଅନୁରୋଧ କରିଛନ୍ତି। ଏଥିସହିତ ଏଠାରେ ଆବଶ୍ୟକୀୟ ଜମି ଯୋଗାଇ ଦେବାକୁ ରାଜ୍ୟ ସରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିଲାରେ ବିଶ୍ୱର ୯୮ପ୍ରତିଶତ କ୍ରୋମାଇଟ ସହିତ ବିପୁଳ ପରିମାଣରେ ଖଣିଜ ସମ୍ପଦ ଭରପୁର ରହିଛି। ଏହାବାଦ ଜିଲାରେ ପର୍ଯ୍ୟଟନର ସୁବିଧା ରହିଛି। ପଡୋଶୀ ଜିଲାରେ ରହିଥିବା ଧାମରା ଓ ପାରାଦୀପ ବନ୍ଦର ସହ ବାଣିଜ୍ୟିକ କାରବାର ବୃଦ୍ଧି ପାଇଁ ଏହି ଡିଭିଜନର ଆବଶ୍ୟକତା ରହିଛି । ଏହାବାଦ ଧାମରାକୁ ନୂତନ ରେଳପଥ ସଂଯୋଗ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଦାବି କରିଥିଲେ। କିନ୍ତୁ ରାଜନୈତିକ ବିଦ୍ୱେଷ ମନୋଭାବ ରଖି ଏହି ପ୍ରକଳ୍ପକୁ ଅଣଦେଖା କରାଯାଉଛି ବୋଲି ଜିଲାବାସୀ ମତପୋଷଣ କରିଛନ୍ତି। ଜିଲାର ଦୁଷ୍ମନ୍ତ କୁମାର ରାଉତ, ପ୍ରଫୁଲ୍ଲ ନାୟକ, ସତ୍ୟପ୍ରକାଶ ବେହୁରିଆ, ଦିଗାମ୍ବର ସାହୁ ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିବା ସହିତ ଶୋଇଲା ପୁଅର ଭାଗ ନାହିଁ, ଯାଜପୁର ବନ୍ଦ ଡାକରା ଦେବା ସହିତ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବାକୁ ପଡିବ ବୋଲି କହିଛନ୍ତି ।

### ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ରବି ସିଂ

କୋରେଇ, ୫।୨ (ସ୍ୱ.ପ୍ର.)

ବିପ୍ଳବୀ କବି ରବି ସିଂଙ୍କ ବିୟୋଗରେ ସାହିତ୍ୟ ପତ୍ରିକା 'ଚାହାଣୀ' ପକ୍ଷରୁ ପାଣିକୋଇଲିଠାରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ଅନନ୍ତ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କବି ରବି ସିଂ ନିଜ କବିତା ମାଧ୍ୟମରେ ବିପ୍ଳବର ବହ୍ନି ସୃଷ୍ଟି କରିବା ସହ କ୍ରାନ୍ତିକାରୀ ରଚନା ମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଶିବ ଚରଣ ମାଝି ଯୋଗଦେଇ ରବି ସିଂହଙ୍କ କବିତା 'ଚରମ ପତ୍ର'ର ସମୀକ୍ଷା କରିଥିଲେ। 'ଚାହାଣୀ'ର ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି କବି ରବି ସିଂଙ୍କ କବିତା ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। 'ଗୋକର୍ଣ୍ଣିକା' ସମ୍ପାଦକ ରମାକାନ୍ତ ଜେନା, ଡ. ରାଜ କିଶୋର ପାଢୀ, ଅଧାପକ ଦାମୋଦର ବେହେରା, କବି ବୃନ୍ଦାବନ ସାହୁ, ଚନ୍ଦନ ପ୍ରଧାନ, ଅଧ୍ୟାପକ ରମାକାନ୍ତ ବରାଳ, ମହେଶ୍ୱର ସାହୁ, ଗଣେଶ ପ୍ରସାଦ ମହାପାତ୍ର, କବି ବ୍ରଜ କିଶୋର ଦାଶଙ୍କ ସମେତ ଚାହାଣୀ ସାହିତ୍ୟ ମଞ୍ଚର ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ।

### ୧୯୬୫ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଯାଜପୁର ଟାଉନ୍, ୫।୨ (ଡି.ଏନ୍.ଏ.) : ଖଣ୍ଡରାଛକ ନିକଟସ୍ଥ ରାମଲକ୍ଷ୍ମଣ ନୋଡ଼ାଲ ଉଚ୍ଚ ବିଦ୍ୟାପୀଠର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦଶରଥପୁର ବ୍ଲକ ଶିକ୍ଷା ମଣ୍ଡଳାଧୀଶ ଗୟାଧର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ମଣ୍ଡଳସ୍ତରୀୟ ସାଧନ କେନ୍ଦ୍ର ସଂଯୋଜକ ଅନ୍ନଦା ପ୍ରସାଦ ରଣା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦେବଦିବାକର ବେହେରା, ଚନ୍ଦ୍ରମଣି ପଣ୍ଡା, ସ୍କୁଲ ଶିକ୍ଷା କମିଟି ସଭାପତି ବିଶ୍ୱଜିତ୍ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍କୁଲର ବାର୍ଷିକ କ୍ରୀଡ଼ାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଲିପ୍‌ସା ପଣ୍ଡା ଓ ସାଥୀମାନେ ନୃତ୍ୟ ପରିବେଷଣ କରିଥିଲେ। ନିରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନିରୁଦ୍ଧ ନାୟକ ସ୍ୱାଗତ ଭାଷଣ, ଭାଗ୍ୟଲକ୍ଷ୍ମୀ ବେହେରା ଧନ୍ୟବାଦ ଦେଇଥିଲେ। ଶିକ୍ଷକ ରଘୁନାଥ ମହାନ୍ତି ସଭା ପରିଚାଳନା କରିଥିଲେ।

## 'ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି ଭାରତୀୟ ସଂସ୍କୃତି'



ଜଣେ ପ୍ରତିଭାବାନ ବ୍ୟକ୍ତିଙ୍କୁ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ସମ୍ବର୍ଦ୍ଧିତ କରୁଛନ୍ତି।

ବରୀ(ସ୍ୱ.ପ୍ର.)/ରତ୍ନଗିରି, (ଡି.ଏନ୍.ଏ.) ୫।୨

ଭାରତୀୟ ସଂସ୍କୃତି ସାରା ବିଶ୍ୱକୁ ଦିଗଦର୍ଶନ ଦେଉଛି। ଶ୍ରୀଜଗନ୍ନାଥଙ୍କ ମାର୍ଗରେ ଅନୁପ୍ରାଣିତ ହେଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ବୁଧବାର ବରୀ ବ୍ଲକ ଅଧୀନ ବାଲିଆ ହରିପୁର ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ଓ ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ମତ ଦେଇଛନ୍ତି। ସେ ଆହୁରି କହିଛନ୍ତି, ବଞ୍ଚିବା ବଡକଥା ନୁହେଁ, ସ୍ୱାଭିମାନର ସହ ବଞ୍ଚିବା ଶିଖିବା ଦରକାର ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ନିଷ୍ଠାର ସହ ପରିଶ୍ରମ କଲେ ପିଲାମାନେ ଯେକୌଣସି ପଦପଦବୀରେ ପ୍ରତିଷ୍ଠିତ ହୋଇପାରିବେ ବୋଲି ମୁଖ୍ୟବକ୍ତା କହିଥିଲେ। ସମ୍ମାନୀତ ଅତିଥି ଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ମନରେ ବଡ ମଣିଷ ହେବା ଅପେକ୍ଷା ଭଲ ମଣିଷ ହେବା ପାଇଁ ଧାରଣା ରଖିବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରଭଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲେ। ରାଜ୍ୟପାଳ ମହୋତ୍ସବରେ ଯୋଗଦେଇଥିବାରୁ ଏହା ବରୀ ଅଞ୍ଚଳବାସୀଙ୍କ ପାଇଁ ଗୌରବର ଦିନ ବୋଲି ବିଧାୟିକା ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ବରୀ ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ପ୍ରତାପ କୁମାର ଦାସ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତିଙ୍କ ସମେତ ୭ଜଣ ବ୍ୟକ୍ତି ବିଶେଷଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ମଲିକ, ପୁରାତନ ଛାତ୍ର ସଂସଦର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରିଷଦର ସମ୍ପାଦକ ସୁବୋଧ ଜେନା ଅତିଥିମାନଙ୍କ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତ ପୁରାତନ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସାଇ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଡୁବୁରୀ, ୫।୨ (ଡି.ଏନ୍.ଏ.)

ଡୁବୁରୀସ୍ଥିତ ଶିରିଡି ସାଇ ମନ୍ଦିରର ୬ଷ୍ଠ ବାର୍ଷିକ ଉତ୍ସବ ବୁଧବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାଇ ପରିବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଉତ୍ସବ ଉପଲକ୍ଷେ ଦିନ ତମାମ ବିଭିନ୍ନ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଭକ୍ତ ସମ୍ମିଳନୀରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ବ୍ରାହ୍ମଣ ଓ ପଣ୍ଡିତ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ସକାଳେ ଶତାଧିକ ମହିଳା କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ପାଣି ନେଇ କଳସ ଶୋଭାଯାତ୍ରାରେ ସାଇ ମନ୍ଦିରରେ ପହଞ୍ଚିଥିଲେ। ବିଶ୍ୱଜିତ ଦାସ, ସୁଧାଂଶୁ ଶେଖର ରାଉତ, ସଞ୍ଜୟ ପାତ୍ର, ସୁଜିତ ରାଉତ, ରଞ୍ଜନ ନାୟକ, ଅକ୍ଷୟ ମହାରଣା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

କୋରେଇ, ୫।୨ (ସ୍ୱ.ପ୍ର)

କୋରେଇ ବ୍ଲକ ପାଣିକୋଇଲି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ତୀର୍ଥଯାତ୍ରା ଆରମ୍ଭ ହୋଇଛି। ମଞ୍ଚ ସଦସ୍ୟମାନେ ପାଣିକୋଇଲିରୁ ବସ୍ ଯୋଗେ ଯାଇ ଯାଜପୁରରୋଡ୍ ରେଳ ଷ୍ଟେଶନରୁ ଯାତ୍ରା ଆରମ୍ଭ କରିଛନ୍ତି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ନୃସିଂହ ଚରଣ ଦଳାଇଙ୍କ ନେତୃତ୍ୱରେ ସଦସ୍ୟମାନେ ଚେନ୍ନାଇ, ପଣ୍ଡିଚେରୀ, ଶ୍ରୀପୁର, ଭେଲୋର, ତିରୁପତି ଆଦି ସ୍ଥାନ ଭ୍ରମଣ କରି ୧୫ ତାରିଖରେ ଫେରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ରାମଚନ୍ଦ୍ର ମଲିକ, ରଙ୍ଗଲତା ମଲିକ, ଗୋକୁଳାନନ୍ଦ ମହାରଣା, ରମାମଣି ମହାରଣା, ହରେକୃଷ୍ଣ ମହାରଣା, ବସନ୍ତ ବେହେରା, ନିର୍ମଳା ବେହେରା, ଗୋଲକ ସାହୁ, କାଞ୍ଚନବାଳା ସାହୁ, ଲକ୍ଷ୍ମୀଧର ବାରିକ, କାଞ୍ଚନ ବାରିକ, ରାଜେନ୍ଦ୍ର ଦାସ, ସୁରେନ୍ଦ୍ର ସେଠୀ, ସରୋଜିନୀ ସେଠୀ, ଶିବରାମ ପାତ୍ର, ପ୍ରତିମା ପାତ୍ର, କୃପାଲ ମଲିକ, ଅଭିରାମ ସାହୁ, ପ୍ରେମଲତା ଦଳେଇ ପ୍ରମୁଖ ତୀର୍ଥଯାତ୍ରୀ ଦଳରେ ସାମିଲ ହୋଇଛନ୍ତି।




ରେଳଷ୍ଟେଶନରେ ବରିଷ୍ଠ ନାଗରିକମଞ୍ଚର ସଦସ୍ୟମାନେ।

## ଟ୍ରକ୍ ଡ୍ରାଇଭରଙ୍କୁ ଆକ୍ରମଣ: ଜଣେ କୋର୍ଟ ଚାଲାଣ

କୋରେଇ, ୫।୨ (ସ୍ୱ.ପ୍ର.)

ଜଣେ ଡ୍ରାଇଭରଙ୍କୁ ମାଡ ମାରିଥିବା ଅଭିଯୋଗରେ ପାଣିକୋଇଲି ବଜାରର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ଟ୍ରକ ପତି ମରାମତି ଦୋକାନ କରିଥିବା ଦଶରଥ ବିହାରୀ ଓରଫ ସାହା(୨୪)ଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗତ ୨ ତାରିଖ ସନ୍ଧ୍ୟାରେ ଟ୍ରକ୍ ଡ୍ରାଇଭର ଭଦ୍ରକ ଜିଲା ଭଣ୍ଡାରି ପୋଖରୀ ଥାନା ଅଞ୍ଚଳର ଅନିରୁଦ୍ଧ ଜେନା ଦଶରଥଙ୍କ ଦୋକାନ ନିକଟ ଏକ ଗ୍ୟାରେଜରେ ଗାଡ଼ି ଭର୍ତ୍ତି କରିଥିଲେ। ଅନିରୁଦ୍ଧ ସେଠାରୁ ଗାଡ଼ି ବାହାର କରୁଥିବା ବେଳେ ଦଶରଥ ତାଙ୍କୁ ରାସ୍ତା ନ ଛାଡ଼ି ଗାଳିଗୁଲଜ କରିଥିଲେ। ଅନିରୁଦ୍ଧ ଏହାର ପ୍ରତିବାଦ କରିବାରୁ ଦଶରଥ ତାଙ୍କ ମୁଣ୍ଡକୁ ଏକ ହାତୁଡ଼ିରେ ପିଟିଦେଇଥିଲେ। ଫଳରେ ଅନିରୁଦ୍ଧ ଚେତାଶୂନ୍ୟ ହୋଇପଡ଼ିଯାଇଥିଲେ। ଅନ୍ୟ ଗାଡ଼ିର ଡ୍ରାଇଭରମାନେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଦଶରଥ ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିବା ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଅନିରୁଦ୍ଧ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୦/୨୦ ନଂ.ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲା।

## ବ୍ୟକ୍ତିଗତ ସ୍ୱାର୍ଥରେ ଲାଗୁଛି ବିଧାୟକ ପାଣ୍ଠି

ଯାଜପୁର ଅଫିସ,୫।୨

■ଇଟା ଫ୍ୟାକ୍ଟ୍ରିକୁ ଢଳେଇ ରାସ୍ତା ନିର୍ମାଣ
■କାର୍ଯ୍ୟନୁଷ୍ଠାନ ପାଇଁ ବିଡିଓଙ୍କ ଦ୍ୱାରସ୍ଥ
■ଭୁଲ୍ ପ୍ରକଳ୍ପ ଦର୍ଶାଇ କାମ ହୋଇଛି: କନିଷ୍ଠ ଯନ୍ତ୍ରୀ

ବ୍ୟକ୍ତିଗତ ବ୍ୟବସାୟିକ ଅନୁଷ୍ଠାନକୁ ବିଧାୟକ ପାଣ୍ଠି(ଏମଏଲଏ ଲ୍ୟାଡ) ଖର୍ଚ୍ଚ ହେବା ଘଟଣାକୁ ନେଇ ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଚାରିବାଟିଆଠାରେ ଶାସକ ଦଳର ଜଣେ କର୍ମୀଙ୍କ ପୁଅ ନାମରେ ଥିବା ଏକ ଇଟା ଫ୍ୟାକ୍ଟ୍ରିକୁ ରାସ୍ତା ନିର୍ମାଣରେ ଏହି ଅନୁଦାନରୁ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡ଼ିଛି। ଏନେଇ ଗ୍ରାମବାସୀ ଦଶରଥପୁର ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ କୃପାସିନ୍ଧୁ ପରିଡାଙ୍କ ନାମରେ ଏହି କାର୍ଯ୍ୟ ପାଇଁ ୱାର୍କ ଅର୍ଡର ରହିଥିଲା। ସେ କିପରି ଭାବେ ୫ଲକ୍ଷର ଟଙ୍କାର ସରକାରୀ ଅନୁଦାନକୁ ବ୍ୟକ୍ତିଗତ ବ୍ୟବସାୟ ଅନୁଷ୍ଠାନକୁ ରାସ୍ତା ନିର୍ମାଣ କରିବାକୁ ଅନୁମତି ଦେଲେ ସେ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସରକାରୀ ନୀୟମଅନୁଯାୟୀ କୌଣସି ପ୍ରକଳ୍ପର କାମ ହେଉଥିଲେ ୱାର୍କ ଅର୍ଡର ରହିଥିବା ଜେଇ ପ୍ରକଳ୍ପ ସ୍ଥାନରେ ରହି କାମର ମାନ ଯାଞ୍ଚ କରିଥାନ୍ତି। ବିରିପଟା-ଛୋଟାଗଡ଼ି ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡ଼କକୁ ଲାଗି ଇଟା ଫ୍ୟାକ୍ଟ୍ରି ପର୍ଯ୍ୟନ୍ତ ଏମଏଲଏ ଲ୍ୟାଡରେ ନିର୍ମାଣ ହୋଇଥିବା ରାସ୍ତାଟି କେବଳ ଉକ୍ତ ବ୍ୟବସାୟୀଙ୍କ ବ୍ୟତିତ ଅନ୍ୟ କାହାରି କାର୍ଯ୍ୟରେ ଲାଗିବ ନାହିଁ। ଏ ସଂକ୍ରାନ୍ତରେ ଦଶରଥପୁର ବିଡଇଓ ନାରାୟଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଅଭିଯୋଗ ପାଇବା ପରେ ଆବଶ୍ୟକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସଂକ୍ରାନ୍ତରେ କନିଷ୍ଠ ଯନ୍ତ୍ରୀ ପରିଡାଙ୍କୁ ପଚାରିବାରୁ ତାଙ୍କୁ ଭୁଲ ପ୍ରକଳ୍ପର ନାମ କହି ଏହି କାର୍ଯ୍ୟ କରାଯାଇଛି ବୋଲି ସଫେଇ ଦେଇଛନ୍ତି। ତେବେ ସ୍କୁଲ ଓ ହଷ୍ଟେଲ ଗୃହ, ରାସ୍ତା ନିର୍ମାଣ, କ୍ଳବଗୃହ, ନଳକୂପ ଖନନ, ପୋଲ ଓ ବ୍ରିଜ ନିର୍ମାଣ ପ୍ରଭୃତି କାର୍ଯ୍ୟରେ ଏମ୍‌ଏଲ୍‌ଏ ଲ୍ୟାଡ ପାଣ୍ଠି କାମକୁ ଆସିଥାଏ। ହେଲେ ଏଠାରେ ଜାଣିଶୁଣି ଜଣେ କର୍ମୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସାମୁହିକ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହୋଇଛି।

## ବ୍ୟାସ ସରୋବରରେ ହେବ ହରିଣ ପାର୍କ

କଳିଙ୍ଗନଗର, ୫।୨ (ଡି.ଏନ୍.ଏ.)

**ଆରମ୍ଭ ହେଲା ବ୍ୟାସ ସରୋବର ମହୋତ୍ସବ**

■ବ୍ୟାସ ମାରାଥନ୍-୨୦୨୦ରେ ଶାନ୍ତି, ମୈତ୍ରୀର ବାର୍ତ୍ତା
■ସାମିଲ ହେଲେ ୫୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ

ପବିତ୍ର ଭୌମ ଏକାଦଶୀ ତିଥି ଅବସରରେ ବ୍ୟାସନଗରସ୍ଥିତ ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ପୀଠରେ ବୁଧବାରଠାରୁ ବ୍ୟାସ ସରୋବର ମହୋତ୍ସବ ଆରମ୍ଭ ହୋଇଛି। ବ୍ୟାସନଗର ପୌର ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବର ପ୍ରଥମ ଦିବସରେ ସକାଳ ୮ଟାରୁ ବ୍ୟାସ ମାରାଥନ୍-୨୦୨୦ ଆୟୋଜିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ଶତାଧିକ ଯୁବତୀଯୁବକ ସାମିଲ ହୋଇଥିଲେ। ଏହି ମାରାଥନ୍ ବ୍ୟାସଦେବ ଟାଉନ ହଲ୍‌ଠାରୁ ବାହାରି ମହିଳା କଲେଜ, ଖଟିଆସାହି, କୋପର୍ଡ ଦେଇ ବ୍ୟାସ ସରୋବର ପୀଠରେ ପହଞ୍ଚିଥିଲା। ଏହାକୁ କଳିଙ୍ଗନଗର ଅତିରିକ୍ତ ଏସ୍‌ପି ରାଜକିଶୋର ଦୋରା ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ବ୍ୟାସନଗର ପୌର ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଶାନ୍ତି, ମୈତ୍ରୀ ଓ ଭାଇଚାରାର ବାର୍ତ୍ତା ନେଇ ପୌର ପରିଷଦ ପକ୍ଷରୁ ଦୀର୍ଘ ୧୪ ବର୍ଷ ଧରି ଏହି ମାରାଥନ୍ ଆୟୋଜନ କରାଯାଇଆସୁଛି। ଚଳିତବର୍ଷ ମାରାଥନ୍‌ରେ ଛୁଲ୍ଲୁଲାଲ ଗୁଡୁ ପ୍ରଥମ ସ୍ଥାନ ଅଧିକାରୀ କରିଥିବା ବେଳେ ସୁକାନ୍ତ କୁମାର ମଲ୍ଲିକ ଦ୍ୱିତୀୟ ଓ ଜିତେନ୍ଦ୍ର ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲୁରହିବ।






ଅତିଥିମାନେ ମାରାଥନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ସେହିପରି ଉଦ୍‌ଘାଟନୀ ସନ୍ଧ୍ୟାରେ ଆୟୋଜିତ ସଭାରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଓ ଉପ ଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ, ବ୍ୟାସ ସରୋବର ୨୦୦ ଏକର ଜାଗା ଉପରେ ଅବସ୍ଥିତ। ଏହି ସ୍ଥଳକୁ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଛି। ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଏକ ହରିଣ ପାର୍କ ତିଆରି କରାଯିବ। ଏବଂ ମହାଭାରତ ବିଷୟବସ୍ତୁରେ ଥିବା ଚରିତ୍ରମାନଙ୍କୁ ନେଇ ଏଠାରେ ଏକ ମଞ୍ଚ ତିଆରି ହେବ। ଏ ନେଇ ନୀଳ ନକ୍ସା ପ୍ରସ୍ତୁତି ସରିଛି। ଚଳିତବର୍ଷଠାରୁ କାର୍ଯ୍ୟାରମ୍ଭ ହେବ ବୋଲି ଜିଲାପାଳ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ମିଶ୍ର ସଭା ପରିଚାଳନା କରିଥିଲେ। ମହୋତ୍ସବକୁ ସରସ ସୁନ୍ଦର କରିବାକୁ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ଜନ ସମାଗମକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୬/୨୦୨୦ Bhubaneswar, Thursday, February 6/2020




# ନିର୍ମାଣ ହେବ ଶିଶୁ ସୁରକ୍ଷା ୟୁନିଟ୍

**କଳିଙ୍ଗନଗର, ୫।୨ (ଡି.ଏନ୍.ଏ.)**

ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ସୁରକ୍ଷା ୟୁନିଟ୍ ଆରମ୍ଭ ହେବ। ଏ ନେଇ ୬କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଖୁବ୍‌ଶୀଘ୍ର କାର୍ଯ୍ୟାରମ୍ଭ ହେବ ବୋଲି ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡାଇ ସୂଚନା ଦେଇଛନ୍ତି। ଭାରପ୍ରାପ୍ତ ଅଧିକାରୀ ଡା. ଦେବାଶିଷ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ଅଧ୍ୟକ୍ଷ ତଥା ସୁକିନ୍ଦା ବିଧାୟକ ଘଡାଇ ଯୋଗଦେଇ ମେଡିକାଲର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ନିକଟରେ ମେଡିକାଲରେ ଡିଏମ୍‌ଏଫ୍ ଫଣ୍ଡରେ ୩ ଜଣ ଏମ୍‌ବିବିଏସ୍ ଡାକ୍ତର, ଜଣେ ପାଥୋଲାବ୍ ଟେକ୍ନିସିଆନ୍ ଓ ୨ ଜଣ ଷ୍ଟାଫ୍‌ନର୍ସ ଯୋଗଦେଇଛନ୍ତି। ଡିଏମ୍‌ଏଫ୍ ଫଣ୍ଡରେ ଆବଶ୍ୟକ ଫାର୍ମାସିଷ୍ଟ, ଡାକ୍ତର, ଲାବ ଟେକ୍ନିସିଆନ, ସୁଇପର ଓ ଡ୍ରାଇଭର ପଦବୀ ପୂରଣ ପାଇଁ ଜିଲାପାଳଙ୍କୁ ପତ୍ର ଦିଆଯାଇଥିବା ବିଧାୟକ ସୂଚନା ଦେଇଥିଲେ। ମେଡିକାଲ ଭିତ୍ତିଭୂମି ବିକାଶ ପାଇଁ ଆର୍‌ଆଇଡିକୁ ଡିଏମ୍‌ଏଫ୍ ଫଣ୍ଡ ଯୋଗାଇ ଦିଆଯାଇଛି। ଏହାର ଡିଜାଇନ୍ ମଧ୍ୟ ଆସି ସାରିଛି। ଖୁବ୍‌ଶୀଘ୍ର କାର୍ଯ୍ୟାରମ୍ଭ ହେବ। ୬ କୋଟି ଟଙ୍କାରେ ଶିଶୁ ସୁରକ୍ଷା ୟୁନିଟ୍‌ର ଏକ ବିଲ୍ଡିଂ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ଘଡ଼ାଇ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦାନଗଦୀ ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ବିଡିଓ ଡ. ମଣିପ୍ରସାଦ ମିଶ୍ର, ଡା କେ.ସି. ବେହେରା, ଡା. ଜୟଶ୍ରୀ ରାଉତ, ଡା. ସାଇଶ୍ରୀ ଜେନା, ଡା. ସୁବାଶିଷ ଜେନା, ପରିଚାଳନା କମିଟିର ପ୍ରଫୁଲ୍ଲ କୁମାର ରାୟ, ପବିତ୍ର ମୋହନ ଜେନାମଣି, ବିପ୍ଳବ ପଣ୍ଡା, ଜଗନ୍ନାଥ ଧୀରଙ୍କ ସମେତ ଅନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଓ ସୁପ୍ରିୟା ପଣ୍ଡା ପରିଚାଳନା କରିଥିଲେ।

**ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

# ପୋଲିସ ଗାଡି ଭଙ୍ଗାରୁଜା ଘଟଣା, ୫ ଗିରଫ

**ହାଟଡିହୀ,୫।୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ତହସିଲ ଅଧିନ ଅଦ୍ରୋ–କରଗୋଲା ବୈତରଣୀ ନଦୀ ବାଲି ଘାଟ ବିବାଦ ସମାଧାନ କରିବା ଲାଗି ଗତ ଜାନୁୟାରୀ ୨୮ରେ ଆନନ୍ଦପୁର ଉପଖଣ୍ଡ ଅଧୀନ ବିଭିନ୍ନ ଥାନାର ଅଧିକାରୀ, ପୋଲିସ ଫୋର୍ସ, ତହସିଲଦାର, ଆରଆଇ ବାଲିଘାଟରେ ପହଞ୍ଚିଥିଲେ। ବାଲି ଉଠାଣ ଓ ପରିବହନ ସମୟରେ କେତେକ ଲୋକ ଏହାକୁ ବିରୋଧ କରିଥିଲେ। ସନ୍ଧ୍ୟା ସମୟରେ ପୋଲିସ ଫୋର୍ସର ୩ଟି ଗାଡିକୁ ଢେଲାମାଡ କରି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ମଙ୍ଗଳବାର ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଦଲ ଜେନା, ବନମାଳି ଜେନା, ମଥୁରା ଜେନା, କୋଦଣ୍ଡ ଜେନା, ପ୍ରମୋଦ ଜେନା। ଏଥିସହ ପୂର୍ବରୁ ୩୨ ଜଣଙ୍କ ନାମରେ ତହସିଲ ପକ୍ଷରୁ ୧୦୭ ମାମଲା ରୁଜୁ ହୋଇଛି।

# ଆନ୍ତଃ କ୍ଲବ କ୍ରିକେଟ : କେଏନ୍‌ଏସ୍ ଯାଜପୁର ରୋଡ଼ ବିଜୟୀ

**ଧର୍ମଶାଳା,୫।୨(ଡି.ଏନ୍.ଏ.)**

ଓଡ଼ିଶା କ୍ରିକେଟ ଆସୋସିଏଶନ ଓ ଜିଲା କ୍ରିକେଟ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ଚାଲିଥିବା ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚରେ ଏମ୍‌ସିସି ଯାଜପୁର ଟାଉନକୁ ୨୭ରନରେ ପରାସ୍ତ କରି କେଏନଏସ୍ ଯାଜପୁର ରୋଡ ଟିମ୍ ବିଜୟୀ ହୋଇଛି। ପ୍ରଥମେ ଯାଜପୁର ରୋଡ ଟିମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୪ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ଆଦିତ୍ୟ ଜେନା ୯୬ ଓ ଆଦର୍ଶ କୁମାର ମହାନ୍ତି ୩୩ ରନ କରିଥିଲେ। ଜବାବରେ ଯାଜପୁର ଟାଉନ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୭୩ ରନ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ବିଭୁତି ଭୁଷଣ ଭୁୟାଁ ୩୭ ଓ ଏମଡି ସୋହେଲ ଖାନ ୩୦ ରନ କରିଥିଲେ। ଖେଳକୁ ଦିଲକ ଜେନା ଓ ଅମରେଶ ପରିଡା ପରିଚାଳନା କରିଥିଲା ବେଳେ ଜିତେନ୍ଦ୍ର କୁମାର ସେନାପତି ଓ ବାସୁଦେବ ମିଶ୍ର ସ୍କୋରରେ ସହାୟତା କରିଥିଲେ। ଗୁରୁବାର ଏମ୍‌ଟିଏସ୍ ଗୁଲଜାର ନଗର ପାଟଣା ସହିତ ଏସିଏ ବାରଗାଡିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ତ୍ରିନାଥ ସାହୁ ଜଣାଇଛନ୍ତି।




# ସାବତ ଝିଅକୁ ଅସଦାଚରଣ ଅଭିଯୋଗ

**ଧର୍ମଶାଳା,୫।୨(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ଧର୍ମଶାଳା ବଜାରରେ ରହୁଥିବା ଜଣେ ସାବତ ବାପା ନାବାଳିକା ଝିଅକୁ ଅସଦାଚରଣ କରିଥିବାନେଇ ମା' ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୫୩/୨୦) ରୁଜୁ କରିବା ସହ ଅଭିଯୁକ୍ତ ସାବତ ବାପାଙ୍କୁ ଗିରଫ କରିବା ସହ ଉଭୟଙ୍କ ଡାକ୍ତରୀ ମଇନା କରିଛି। ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମର ମହମ୍ମଦ ଏନାଏତୁଲା ଧର୍ମଶାଳା ବଜାରରେ ରହୁଥିବା ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ୨ୟ ବିବାହ କରି ରହୁଥିଲେ। ଉକ୍ତ ମହିଳାଙ୍କ ଏକ ୭ବର୍ଷର ଝିଅ ଅଛି। ଏହି ନାବାଳିକାକୁ ସାବତ ବାପା ମଙ୍ଗଳବାର ଅସଦାଚରଣ କରିଥିବା ନେଇ ମହିଳା ଜଣକ ଥାନାରେ ଅଭିଯୋଗ କରିଥିଲେ। ବୁଧବାର ନାବାଳିକା ଓ ସାବତ ବାପାଙ୍କ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମଇନା କରାଯାଇଛି। ଗୁରୁବାର ଅଭିଯୁକ୍ତ ସାବତ ବାପାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଗିରଫ ପ୍ରତିବାଦରେ ମାର୍ଚ୍ଚ ୬ରେ ନୟାଗଡ଼ ବନ୍ଦ

**ନୟାଗଡ଼ ଅଫିସ,୫।୨:** ନୟାଗଡ଼ ଚିନିକଳ କାର୍ଯ୍ୟକ୍ଷମ ନେଇ ଆଖୁଚାଷୀ, କର୍ମଚାରୀ ଓ ଜନନେତା ଭୁବନେଶ୍ୱର ନବୀନ ନିବାସ ପର୍ଯ୍ୟନ୍ତ ପଦଯାତ୍ରା କଲେ। ହେଲେ ମୁଖ୍ୟମନ୍ତ୍ରୀ ଏ ନେଇ ଆଲୋଚନା ପାଇଁ ସମୟ ଦେଲେ ନାହିଁ। ବରଂ ଚାଷୀଙ୍କ ସମେତ ପଦଯାତ୍ରୀଙ୍କୁ ଗିରଫ କରି ଆନ୍ଦୋଳନ ଭଣ୍ଡୁର କରିବା ପାଇଁ ଯୋଜନା କଲେ। ଏହାର ପ୍ରତିବାଦରେ ମାର୍ଚ୍ଚ ୬ ତାରିଖରେ ଜିଲା ବନ୍ଦ କରାଯିବାକୁ ନୟାଗଡ଼ ଚିନିକଳ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ନେଇ ପ୍ରେସ ବିବୃତ୍ତି ମାଧମରେ ଗଣମାଧମକୁ ଅବଗତ କରାଇଛି। ତେବେ ଜିଲା ବନ୍ଦ ପୂର୍ବରୁ ବିଭିନ୍ନ ସ୍ଥାନରେ ଗଣକନ୍‌ଭେନ୍‌ସନ, ସାଇକେଲ ଶୋଭାଯାତ୍ରା, ଗ୍ରାମ ପରିକ୍ରମା କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ବିଶ୍ୱନାଥ ମହାପାତ୍ର, ମନୋଜ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ, ଯୋଗେନ୍ଦ୍ର ଖୁଣ୍ଟିଆ ଓ ଶିବରାମ ମହାପାତ୍ର ପ୍ରମୁଖ ସୂଚନା ଦେଇଛନ୍ତି। କମିଟି ସୂଚନା ଅନୁସାରେ ନୟାଗଡ ବିଧାୟକ ଅରୁଣ କୁମାର ସାହୁ ରାଜ୍ୟରେ କୃଷିମନ୍ତ୍ରୀ ଥାଇ ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପ କାରଖାନାରେ ୫ବର୍ଷ ହେଲା ତାଲା ଝୁଲୁଛି। ଜିଲାର ଶହ ଶହ ଚାଷୀଙ୍କ ପ୍ରାପ୍ୟ ଓ କର୍ମଚାରୀଙ୍କ ଦରମା ବାକି ପକାଇ ଚିନିକଳ ପରିଚାଳକ ଚାଲିଗଲେ। ଏ ନେଇ ସରକାର ଅବଗତ ଥିଲେ ବି ନୀରବଦ୍ରଷ୍ଟା ସାଜିବା ଚାଷୀ, ଶ୍ରମିକ ଓ କର୍ମଚାରୀ ବିରୋଧୀ ମନୋଭାବର ପରିଚୟ ଦେଉଛି। ବରଗଡ ଚିନିକଳର ସମସ୍ୟା ସୁଧାରିବାକୁ କୃଷିମନ୍ତ୍ରୀ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରୁଛନ୍ତି। ତେବେ ନୟାଗଡ ଚିନିକଳର ଅବସ୍ଥା ସୁଧାରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ ନ କରିବା ଓ ସମାଧାନର ମାର୍ଗ ନ କାଢ଼ି ଆତ୍ମରକ୍ଷା କରିବାର ପ୍ରୟାସ ଦୁର୍ଭାଗ୍ୟଜନକ। ଜିଲାର ଅନ୍ୟ ବିଧାୟକମାନେ ନୀରବଦ୍ରଷ୍ଟା ସାଜିବା ଜିଲାର ଅର୍ଥନୈତିକ ସ୍ଥିତିକୁ ଦୁର୍ବଳ କରିଛି ବୋଲି କମିଟି ଅଭିଯୋଗ କରିଛି।

**ଚିନିକଳ କାର୍ଯ୍ୟକ୍ଷମ ପ୍ରସଙ୍ଗ**

### ଗୋକୁଳାନନ୍ଦ ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ: ବାଲିଝରି ବିଜୟୀ

**ଖଣ୍ଡପଡା,୫।୨(ସ୍ୱ.ପ୍ର.)**-ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡ଼ିଆଠାରେ ଚାଲିଥିବା ପ୍ରିମିୟର ଲିଗ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ପଦାମାଳ କ୍ରିକେଟ କ୍ଲବକୁ ବାଲିଝରି କ୍ରିକେଟ କ୍ଲବ ହରାଇ ବିଜୟୀ ହୋଇଛି। ପଦାମାଳ ଦଳ ପ୍ରଥମେ ବ୍ୟାଟିଂକରି ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୯୮ରନ ସଂଗ୍ରହ କରିଥିଲା। ଜବାବରେ ବାଲିଝରି ଦଳ ୧୨ ଓଭରରେ ୩ ଉଇକେଟ ବିନିମୟରେ ଆବଶ୍ୟକ ୯୯ ରନ ସଂଗ୍ରହ କରି ସେମିଫାଇନାଲକୁ ଯାଇଛି। ବିଜୟୀ ଦଳର ସିଲୁ ରାଉତ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବାପୁନା ସାମଲ ଓ ସଚିନ ବାରିକ ଖେଳ ପରିଚାଳନା କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚରେ କଣ୍ଟିଲୋ ବରୁଣେଇ କ୍ରିକେଟ କ୍ଲବ ସହିତ ଅଭିମାନପୁର କ୍ରିକେଟ କ୍ଲବର ମୁକାବିଲା ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ।

# ଚାଷ ଛଡ଼ାଇ ନେଲା ଚିନିକଳ

**ନୟାଗଡ଼ ଅଫିସ,୫।୨**

ନୟାଗଡ଼ ଜିଲାର ପାରମ୍ପରିକ ଅର୍ଥକରୀ ଫସଲ ଆଖୁଚାଷ ଏବେ ବୁଡିବାକୁ ବସିଛି। କାହିଁ କେଉଁ କାଳରୁ ଏଠାକାର ଚାଷୀ ଆଖୁ ଚାଷ କରି ଘଣା ବୁଲାଇ ଗୁଡ କରିଆସୁଥିଲେ। ଚିନିକଳ ହେବା ପରେ ୧୯୮୦ ପରଠାରୁ ଗୁଡକୁ ଭୁଲି ଚିନିକଳକୁ ଆଖୁ ବିକ୍ରି କରୁଥିଲେ। କେବଳ ନୟାଗଡ଼ ନୁହେଁ ଆଖପାଖ କଟକ, ଖୋର୍ଦ୍ଧା ଜିଲାର ଚାଷୀ ବି ନୟାଗଡ଼ ଚିନିକଳ ଉପରେ ନିର୍ଭର କରୁଥିଲେ। ହେଲେ ଚିନିକଳ ବନ୍ଦ ପରେ ଆଖୁ ଚାଷର ସ୍ଥାନ ଏବେ ଧାନ ଓ ଅନ୍ୟାନ୍ୟ ଫସଲ ନେଇଛି। ଆଉ କିଛି ଜମି ପଡିଆ ପଡିଛି। ଚାଷୀଙ୍କ ରୋଜଗାର ହ୍ରାସ ପାଇଛି। କିଛି ଚାଷୀ ରୋଜଗାର ଆଶାରେ ଗାଁ ଛାଡି ଦାଦନ ପଳାଇଛନ୍ତି। ଆଉ ସ୍ୱଳ୍ପ ଚାଷୀ ଚାଷକୁ ବଞ୍ଚାଇ ରଖିଛନ୍ତି।

- ବୁଡିବାକୁ ବସିଛି ଆଖୁଚାଷ
- ଦାଦନ ଯାଉଛନ୍ତି ଚାଷୀ


ହରିପୁରଠାରେ ବନ୍ଦ ହୋଇପଡ଼ିଥିବା ଆଖୁଶାଳ।

### ଆଖୁ ଛାଡି ଧାନ ଚାଷ କଲି

ଆଖୁ ଫସଲ ମୋର ପ୍ରିୟ। ଭଲ ରୋଜଗାର ହେଉଥିଲା। ହେଲେ ଚିନିକଳ ବନ୍ଦ ହେବା ପରେ ମୋର ରୋଜଗାର ବୁଡିଗଲା। ଧାନ ଫସଲରେ ମୋର ଲାଭ ହେଉ ନାହିଁ। ଜମି ପଡିଆ ପଡିବ ଭାବି ଧାନ ଚାଷ କରୁଛି। ପୂର୍ବରୁ ୩ ଏକର ଆଖୁ ଫସଲ କରୁଥିଲି। ଏବେ ଦେଢ଼ ଏକର ଧାନ ଚାଷ କରୁଛି। ଚିନିକଳ ବନ୍ଦ ହେବା ପରେ ଆଖୁଚାଷୀ କିଭଳି ହନ୍ତସନ୍ତ ହେଉଛନ୍ତି ତାହା ମୋତେ ଜଣା। ମୋ ପରି ସେମାନେ ଅଭିଶପ୍ତ ଜୀବନଯାପନ କରୁଛନ୍ତି ।



– **ପଠାଣି ଦଳବେହେରା,** ଚାଷୀ, ବାଲୁଗାଁ

### ଗୁଡ କରି ପରିବାର ବଞ୍ଚାଉଛି

ଆମ ପରିବାର ଲୋକେ କାହିଁ କେଉଁ କାଳରୁ ଆଖୁଚାଷ କରିଆସୁଛୁ। ତେବେ ଚିନିକଳ ବନ୍ଦ ପରେ ଚାଷ ପରିମାଣ କମିଯାଇଛି । ଚିନିକଳକୁ ଆଖୁ ଦେବା ସମୟରେ ୩ ଏକର ଜମି ଚାଷ କରୁଥିଲି। ଏବେ ୧ଏକର ଚାଷ କରି କେବଳ ଗୁଡ କରୁଛି। ଗୁଡର ଚାହିଦା ଅଛି। ତେବେ ଅଧିକ ଗୁଡ କରିବାକୁ ହେଲେ ପରିଶ୍ରମ ବେଶି କରିବାକୁ ପଡୁଛି। ଚିନିକଳକୁ ଆଖୁ ଦେବା ସମୟରେ କମ୍ ପରିଶ୍ରମ ପଡୁଥିଲା। ଚାଷୀମାନେ ଚାହୁଁଛନ୍ତି ଚିନିକଳ ଚାଲୁ କରାଯାଉ। କିନ୍ତୁ ଚାଷୀର ସମସ୍ୟା କେହି ଦେଖୁନାହାନ୍ତି କି ଶୁଣୁ ନାହାନ୍ତି।



– **ସୁଦାମ ପାତ୍ର,** ହରିପୁର, ନୟାଗଡ଼

### ବଦଳିଗଲା ଜୀବନଧାରା

ଚିନିକଳ ବନ୍ଦ ପରେ ଜୀବନଧାରା ବଦଳିଗଲା। ରୋଜଗାର କମିଲା। ଇଚ୍ଛା ଥିଲେ ବି ଆଖୁଚାଷ ଆଉ କରୁନୁ। କାରଣ ଗୁଡ କରିବା ଆମ ପକ୍ଷେ ସମ୍ଭବ ନୁହେଁ। ପୁଣି ଗୁଡ ବିକ୍ରି କରିବା ଆହୁରି କଷ୍ଟ। ୩ ଏକରରେ ଆଖୁ ଚାଷ କରୁଥିଲି। ଏବେ ୧ ଏକରରେ ଧାନ ଓ ମୁଗ ଚାଷ କରୁଛି। ହେଲେ ଅଧିକାଂଶ ସମୟ ମରୁଡି ହେଉଛି। ବେଳେ ବେଳେ ଜମି ପଡିଆ ପଡୁଛି।



–**ରଞ୍ଜନ କୁମାର ଲେଙ୍କା,** ବାଙ୍କୋଇ, ବୋଲଗଡ଼, ଖୋର୍ଦ୍ଧା

### ଚାଷୀ ଓ ଚାଷ ଉପେକ୍ଷିତ

ଚିନିକଳ ଚାଷୀ ଓ ଶ୍ରମିକଙ୍କ ମୁହଁରେ ଦାନା ଦେଉଥିଲା। ଏହା ବନ୍ଦ ହେବା ପରେ ଉଭୟ କ୍ଷତିରେ ରହିଲେ। ସରକାର ଚାଷୀ ଓ ଚାଷକୁ ଗୁରୁତ୍ୱ ଦେଉଥିବାବେଳେ ଆମ ଜିଲାର ଏକମାତ୍ର ଚିନିକଳକୁ ଅଣଦେଖା କରିଦେଲେ। ଯାହାର ପ୍ରଭାବ ସିଧାସଳଖ ଚାଷୀ ଓ ଚାଷ ଉପରେ ପଡିଲା। ଚିନିକଳ ବନ୍ଦ ହେବା ଦିନଠାରୁ ଆନ୍ଦୋଳନ, ଧର୍ମଘଟ, ପ୍ରତିବାଦ କରାଯାଉଥିଲେ ମଧ ଆମ କଥା କେହି ଶୁଣୁନାହାନ୍ତି।



–**ଯୋଗେନ୍ଦ୍ର କୁମାର ଖୁଣ୍ଟିଆ,** ଶ୍ରମିକ ନେତା, ଶିଖରପୁର, ଖଣ୍ଡପଡା

### ୧୯୭୩ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ଖଣ୍ଡପଡା,୫।୨(ସ୍ୱ.ପ୍ର.)**

କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚବିଦ୍ୟାଳୟ ଓ କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୭୩ ମାଟ୍ରିକ ବ୍ୟାଚର ଏକ ମିଳିତ ବନ୍ଧୁ ମିଳନ ଉତ୍ସବ ଭୁବନେଶ୍ୱର ଶିଖରଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । କନକଲତା ସାହୁ ଓ ହାଡ଼ିବନ୍ଧୁ ବେହେରାଙ୍କ ପ୍ରଚେଷ୍ଟା କ୍ରମେ ଦୀର୍ଘ ୪୭ ବର୍ଷ ପରେ ଉଭୟ ଶିକ୍ଷାନୁଷ୍ଠାନର ପୁରାତନ ଛାତ୍ରୀଛାତ୍ର ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ଏଥିସହ ଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ବିକାଶ ଦିଗରେ ନିଜକୁ ନିୟୋଜିତ କରିବାକୁ ମତ ପ୍ରକାଶ କରିଥିଲେ । ଉପସ୍ଥିତ ଥିବା ୬୦ରୁ ଊର୍ଦ୍ଧ୍ୱ ସହପାଠିନୀ ଓ ସହପାଠୀ ଆଗାମୀ ଦିନରେ ଉଭୟ ବ୍ୟାଚର ସମସ୍ତ ସହପାଠୀଙ୍କ ସହଯୋଗରେ ଅର୍ଥ ସଂଗ୍ରହ କରି ସଂଗୃହୀତ ଅର୍ଥରେ ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବିନିଯୋଗ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ପ୍ରତିବର୍ଷ ଏହିପରି କାର୍ଯ୍ୟକ୍ରମ ଚାଲୁ ରଖିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିବା ବେଳେ ଏନେଇ ଏକ ୧୦ଜଣିଆ କମିଟି ଗଠନ କରାଯାଇଥିଲା।

## ଶିଶୁଙ୍କୁ ଅବହେଳା କରା ନ ଯାଉ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି ।

**ଗଣିଆ,୫।୨(ଡି.ଏନ.ଏ.)**

ଗଣିଆ ବ୍ଲକ ସଦ୍‌ଭାବନା ଗୃହ ପରିସରରେ ଜିଲା ଶିଶୁ ସୁରକ୍ଷା ଅଧିକାର ତରଫରୁ ବୁଧବାର ବ୍ଲକସ୍ତରୀୟ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ଦକ୍ଷତା ବିକାଶ କୌଶଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନ୍ମରୁ ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁମାନେ ମାନସିକ, ଶାରୀରିକ ଓ ବୌଦ୍ଧିକ କ୍ଷେତ୍ରରେ ନିର୍ଯାତିତ ନ ହୋଇ ଶିକ୍ଷାର ଅଧିକାର ପାଇବା ସହ ସମାଜରେ ଯେପରି ସ୍ୱାଭିମାନର ସହ ବଞ୍ଚି ପାରିବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିସହ ଶିଶୁ ଶ୍ରମିକ, ବାଲ୍ୟ ବିବାହ ଆଦିକୁ କିଭଳି ରୋକାଯାଇପାରିବ ସେ ନେଇ ନିର୍ବାଚିତ ଜନପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି କରିବା ନିମନ୍ତେ ଅତିଥିମାନେ ମତବ୍ୟକ୍ତ କରିବା ସହ ଆଇନଗତ ଦିଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଶିଶୁମାନଙ୍କୁ କୌଣସି କ୍ଷେତ୍ରରେ ଅବହେଳା କରା ନ ଯାଇ ସେମାନଙ୍କ ପ୍ରତି ପ୍ରତ୍ୟେକ ଅଭିଭାବକ ଯତ୍ନଶୀଳ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯଦି ଶିଶୁମାନଙ୍କୁ ମାନସିକ, ଶାରୀରିକ ଭାବେ କୌଣସି ନିର୍ଯାତନା ଦିଆଯାଉଛି ତେବେ ଶିଶୁ ସୁରକ୍ଷା ଟୋଲ ଫ୍ରି ନମ୍ବର ୧୦୯୮କୁ କଲ୍ କରି ଜଣାଇବାକୁ ଅତିଥିମାନେ କହିଥିଲେ । ଆୟୋଜିତ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ବିଡିଓ ସିରିୟାଲ ଶୁଭ୍ର ପଟେଲ, ଏବିଡିଓ ସରୋଜ କୁମାର ନାୟକ, ଗଣିଆ ମେଡିକାଲ ଅଫିସର ଡା. ମଧୁସୂଦନ ଦାସ, ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ସିଡିପିଓ ଲକ୍ଷ୍ମୀ ଦାଶ, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା ଓ ନୟାଗଡ ନିଃସ୍ୱାର୍ଥ ଅନୁଷ୍ଠାନର ଅରୁଣ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏଥିସହିତ ସମସ୍ତ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ।

### ଭିଡିଓ ଭାଇରାଲ କରି ପ୍ରେମିକ ଗିରଫ

**ନୟାଗଡ ଅଫିସ,୫।୨**

ପ୍ରେମିକାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଏକ ଭିଡିଓ ଭାଇରାଲ କରିବା ଅଭିଯୋଗରେ ବୌଦ୍ଧ ଜିଲା ଗୁରୁସିଙ୍ଗା ଅଞ୍ଚଳର ପ୍ରେମିକ ରାଜେଶ ବଗର୍ତ୍ତୀ (୨୦)ଙ୍କୁ ବୁଧବାର ଦଶପଲ୍ଲା ପୋଲିସ ଗିରଫ କରିଛି। ଗୁରୁବାର ରାଜେଶଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି। ଉଭୟ ଦଶପଲ୍ଲାର ଏକ କଲେଜରେ ପଢୁଥିବାବେଳେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଏ ନେଇ ଯୁବତୀଙ୍କ ମା'ଙ୍କ ଅଭିଯୋଗ ପରେ ପୋଲିସ ୨୨/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

## ମହାଦୀପ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ଖଣ୍ଡପଡା,୫।୨(ସ୍ୱ.ପ୍ର.)**

**କଣ୍ଟିଲୋ ଭୈମୀ ଏକାଦଶୀ ମେଳା**

କଣ୍ଟିଲୋ ନୀଳମାଧବଜୀଉଙ୍କ ଭୈମୀ ଏକାଦଶୀ ମେଳାର ବୁଧବାର ହେଉଛି ପ୍ରଥମ ଦିବସ । ଏହି ଅବସରରେ ଶ୍ରୀଜୀଉଙ୍କ ଦର୍ଶନ ତଥା ରାତିରେ ବଡ଼ ଏକାଦଶୀ ମହାଦୀପ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା । ପ୍ରାତଃ ସମୟରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶତାଧିକ ଭକ୍ତ ଶ୍ରୀଜୀଉଙ୍କ ପାଦଦେଶରେ ପ୍ରବାହିତ ମହାନଦୀରେ ବୁଡ଼ ପକାଇ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଭକ୍ତମାନେ ଶ୍ରୀନୀଳମାଧବଜୀଉଙ୍କ ମନ୍ଦିର ପରିସରରେ ଦୀପ ପ୍ରଜ୍ୱଳନ କରି ଉଜାଗର ରହିଥିବା ଦେଖିବାକୁ ମିଳିଥିଲା। ରାତି ପ୍ରାୟ ୧୦ଟା ୩୦ମିନିଟ୍‌ରେ ମହାଦୀପ ଉଠିଥିବା ବେଳେ ଏହାକୁ ଦର୍ଶନ କରିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହାଛଡା କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଭୈମୀ ଏକାଦଶୀ ବା ମାଘମେଳା ପରମ୍ପରା ଅନୁଯାୟୀ ମାଘ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବାର ବ୍ୟବସ୍ଥା ରହିଛି।

## ୭.୬୭ ଲକ୍ଷ ଟଙ୍କା ନିଲାମ ଅର୍ଥ ଆଦାୟ

**ଖଣ୍ଡପଡା,୫।୨(ସ୍ୱ.ପ୍ର)**

**କଣ୍ଟିଲୋ ମାଘମେଳା**

କଣ୍ଟିଲୋ ମାଘମେଳା ପାଇଁ ପ୍ରଥମ ପର୍ଯ୍ୟାୟରେ ବୁଧବାର ସୁଦ୍ଧା ଖଣ୍ଡପଡା ଦେବୋତ୍ତର ବିଭାଗ ୭ଲକ୍ଷ ୬୭ ହଜାର ଟଙ୍କା ଆଦାୟ କରିଥିବା ଜଣା ପଡିଛି ।

ପ୍ରକାଶ ଯେ, ବୁଧଠାରୁ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପବିତ୍ର ଭୈମୀ ଏକାଦଶୀ ବା ମାଘ ମେଳା ଆରମ୍ଭ ହେଉଛି । ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ଏହି ମେଳା ଅନୁଷ୍ଠିତ ହେବ । ପ୍ରତି ବର୍ଷ ଏହି ଉପଲକ୍ଷେ ମନ୍ଦିର ପରିସରରେ ହେଉଥିବା ଶଙ୍ଖୁଡି ଭୋଗ, ଦୀପ, ଶୁଖିଲି ଭୋଗ, ମାଳ ଏବଂ ଚପଲ ଷ୍ଟାଣ୍ଡ ଓ ମେଳା ପଡିଆରେ ଅପେରା ଦଳଙ୍କ ପାଇଁ ସ୍ଥାନ ସଂରକ୍ଷଣ ଉଦ୍ଦେଶ୍ୟରେ ନିଲାମ ଦିଆଯାଇଥାଏ । ନିଲାମକ୍ରମେ ମନ୍ଦିର ପରିସରରେ ଶଙ୍ଖୁଡି ଭୋଗ, ଶୁଖିଲି ଭୋଗ, ଦୀପ ଓ ଫୁଲମାଳ ପାଇଁ ୪ ଲକ୍ଷ ୬୦ ହଜାର, ବଙ୍ଗଳା ପାଖ ଅପେରା ଦଳ ଯାତ୍ରା ପରିବେଷଣ ଏବଂ ମେଳାରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ତଥା ଷ୍ଟଲ ପାଇଁ ୨ଲକ୍ଷ ୮୨ ହଜାର ଟଙ୍କା, ପୂର୍ବ ଦ୍ୱାର ଓ ପଶ୍ଚିମ ଦ୍ୱାର ଚପଲ ଷ୍ଟାଣ୍ଡ ପାଇଁ ଯଥାକ୍ରମେ ୪ ହଜାର ୫ଶହ ଓ ୨୦ ହଜାର ୫ଶହ ଏପରି ୭ଲକ୍ଷ୬୭ହଜାର ଟଙ୍କା ଠାକୁରଙ୍କ ଆଦାୟ ହୋଇଥିବା ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କଠାରୁ ସୂଚନା ମିଳିଛି।

## ବରିଷ୍ଠ ନାଗରିକଙ୍କୁ ଅଣଦେଖା ଅଭିଯୋଗ

**ଭାପୁର,୫।୨(ଡି.ଏନ୍.ଏ.)**

ବରିଷ୍ଠ ନାଗରିକମାନଙ୍କୁ ସରକାର ଅଣଦେଖା କରୁଛନ୍ତି ବୋଲି ବରିଷ୍ଠ ନାଗରିକ ମଞ୍ଚ ଅଭିଯୋଗ କରିଛି। ଭାପୁର ବଜାର ଲକ୍ଷ୍ମୀ ମନ୍ଦିର ପରିସରରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ବୈଠକରେ ଏପରି ଅଭିଯୋଗ ଉଠାଇଥିଲେ। ଭାପୁର ବ୍ଲକ ସଂଘ ସଭାପତି ଜଗନ୍ନାଥ ବାରିକଙ୍କ ସଭାପତିତ୍ୱରେ ଓ ପତ୍ରକାର ରମେଶ ଚନ୍ଦ୍ର ବରାଳଙ୍କ ପରିଚାଳନାରେ ଆୟୋଜିତ ସଭାରେ ବ୍ଲକର ୮୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂଘ ସମ୍ପାଦକ ଯୁଗଳ କିଶୋର ସାହୁ, ଜିଲା ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ଜିଲା ଯୁଗ୍ମ ସମ୍ପାଦକ ଏମ. ଔରଙ୍ଗଦେବ, ଜିଲା ସାଙ୍ଗଠନିକ ସମ୍ପାଦକ ଗୋପାଳ ଚରଣ ନାୟକ ଓ ସମ୍ପାଦନା ମଣ୍ଡଳୀର ସଭ୍ୟ ଲୋକନାଥ ଆଚାର୍ଯ୍ୟ, ନାରାୟଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବାର୍ଦ୍ଧକ୍ୟ ସମୟରେ ସମାଜ ଓ ପରିବାରଠାରୁ ସ୍ନେହ, ଶ୍ରଦ୍ଧା ଆଶା କରୁଥିବା ଏହି ବରିଷ୍ଠ ନାଗରିକଙ୍କୁ ପୂର୍ବପରି ସମ୍ମାନ ମିଳୁନାହିଁ। ଏ ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ ସହଯୋଗ ରହୁନାହିଁ। ବାର୍ଦ୍ଧକ୍ୟରେ ଉପୁଜୁଥିବା ସମସ୍ତ ସମସ୍ୟା ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମଞ୍ଚ ଦାବି କରିଥିଲା।



ସମବେତ ବରିଷ୍ଠ ନାଗରିକ।

## ଅଦିନିଆ ବର୍ଷା: ରବି ଫସଲ ନଷ୍ଟ ଆଶଙ୍କା

**ଗଣିଆ,୫।୨(ଡି.ଏନ.ଏ.)**

**ଗଣିଆ ବ୍ଲକ**

ଗତ ୨ଦିନ ଧରି ଅଦିନିଆ ବର୍ଷା ଯୋଗୁ ଗଣିଆ ଅଞ୍ଚଳରେ ରବି ଫସଲ ଓ ପରିବା ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ଦେଖାଦେଇଛି । ୨ଦିନ ଧରି ଅସରାଏ ୨ଅସରା ବର୍ଷା ଯୋଗୁ ଚଣା,ମୁଗ, ବିରି, କୋଳଥ ଫସଲ ନଷ୍ଟ ହେବା ସହ କୋବି, ଟମାଟୋ, ବାଇଗଣ ଆଦି ଫସଲ ନଷ୍ଟ ହେବା ନେଇ ଚାଷୀମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ବିଶେଷକରି ବର୍ଷା ଯୋଗୁ ଚଣା, କୋଳଥ ପୋକ ଧରିଯିବା ସହ ଶୁଖିଲା ମୁଗ ବିରି ଫସଲ ଗଛରେ ରହି ଗଜା ହୋଇଯିବାର ଆଶଙ୍କା ଦେଖାଦେଇଛି। ସେହିପରି ଅଦିନିଆ ବର୍ଷା ଯୋଗୁ କୋବି ପୋକ ଲାଗିଯିବା ଚାଷୀ ଶ୍ରୀନିବାସ ଜେନା କହିଛନ୍ତି । ଅନ୍ୟପକ୍ଷେ ଶୁଖିଲା ରବି ଫସଲ ଅମଳ ହୋଇ ନ ପାରି ଚାଷଜମିରେ ପଡିରହିଥିବା ଦେଖିବାକୁ ମିଳିଛି । ଏଭଳି ବର୍ଷା ଲାଗିରହିଲେ ଚାଷଜମିରେ ଶୁଖି ରହିଥିବା ଫସଲ ସବୁ ନଷ୍ଟ ହୋଇଯିବ ବୋଲି ଚାଷୀ ପୀତବାସ ସାମଲ କହିଛନ୍ତି। ଗଣିଆ ବ୍ଲକର ଛାମୁଣ୍ଡିଆ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଦ୍ୱାରା ବ୍ୟାପକ ଭାବରେ ରବି ଫସଲ କ୍ଷତି ହେଉଥିବା ବେଳେ ଏହି ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି।


ବର୍ଷା ପରେ ଚାଷୀ ପୀତବାସ ଚାଷଜମି ବୁଲି ଦେଖୁଛନ୍ତି।

## ବ୍ରାଉନସୁଗାର କାରବାରକୁ ନାହିଁ ଲଗାମ

**ନୟାଗଡ଼ ଅଫିସ,୫।୨**

- ଥାନା, ଫାଣ୍ଡି, ମନ୍ଦିର ସମ୍ମୁଖରେ ଚାଲିଛି ବିକ୍ରି
- ମାଗଣା ସ୍କିମ୍‌ରେ ସୃଷ୍ଟି କରାଯାଉଛି ଗ୍ରାହକ
- ଟାର୍ଗେଟରେ ବେକାର ଯୁବକ

ଖୋର୍ଦ୍ଧା ପରେ ନୟାଗଡ଼ ଜିଲା ଏବେ ବ୍ରାଉନସୁଗାର ବ୍ୟବସାୟୀଙ୍କ କବ୍‌ଜାରେ। ଜିଲାର ବିଭିନ୍ନ ଥାନା, ଫାଣ୍ଡି, ମନ୍ଦିର, ଶିକ୍ଷାନୁଷ୍ଠାନ ସମ୍ମୁଖରେ ବ୍ରାଉନସୁଗାର ବିକ୍ରି ହେଉଛି। କାରବାର ବଢ଼ାଇବା ପାଇଁ ବେକାର ଯୁବକ, ଗରିବ ଲୋକଙ୍କୁ ଏଥିରେ ନିୟୋଜିତ କରାଯାଉଛି। କାରବାର ପ୍ରତି ଆଗ୍ରହ ଦେଖାଇବା ପାଇଁ ପ୍ରଥମେ ବେକାର ଯୁବକଙ୍କୁ ପ୍ରାୟ ୧ମାସ ପର୍ଯ୍ୟନ୍ତ ମାଗଣାରେ ବ୍ରାଉନସୁଗାର ଖାଇବାକୁ ଦିଆଯାଉଛି। ପୁଣି ଗଣ୍ଡଗୋଳ ଏଡାଇବା ଲାଗି ସ୍ଥାନୀୟ ଲୋକଙ୍କୁ କିଛି ହାତ ଖର୍ଚ୍ଚ ମଧ ଦିଆଯାଉଛି। ଏହାବାଦ୍ ସ୍ଥାନୀୟ ଗାଁର ଉନ୍ନୟନ କାର୍ଯ୍ୟ ପାଇଁ ବ୍ୟବସାୟୀମାନେ ମୁକ୍ତ ହସ୍ତରେ ସହଯୋଗ କରୁଛନ୍ତି। ଏହିସବୁ ବ୍ୟବସ୍ଥା ଯୋଗୁ ଏହି ବେଆଇନ କାରବାର ଉପରେ ଲଗାମ ଲାଗିପାରୁ ନ ଥିବା କୁହାଯାଉଛି।

ଖୋର୍ଦ୍ଧାର ବହୁ ବ୍ୟବସାୟୀ ପ୍ରଥମେ ଜଙ୍କିଆ ଥାନା ଅଞ୍ଚଳରେ ବ୍ରାଉସୁଗାର ବ୍ୟବସାୟ କରୁଥିଲେ। କ୍ରମଶଃ ସେମାନଙ୍କ ବେପାର ନୟାଗଡ଼ ଜିଲାର ରଣପୁର ଓ ଚାନ୍ଦପୁର ପର୍ଯ୍ୟନ୍ତ ବ୍ୟାପିଲା। ନିକଟସ୍ଥ ସୁନାଖଳା ବଜାରକୁ ମଧ ସେମାନେ ଦଖଲ କରିନେଲେ। ଏହା ପରେ ରଣପୁର ବ୍ଲକର ବିଭିନ୍ନ ବଜାର ଅଞ୍ଚଳରେ ପ୍ରବେଶ କରି ନିଜର କାରବାର ଚଳାଇଲେ। ଏବେ ନୟାଗଡ଼ ଜିଲା ସଦର ମହକୁମା ସମେତ ଇଟାମାଟି, ଗୋଡିପଡା, ଶରଣକୁଳ ଅଞ୍ଚଳରେ ବ୍ରାଉନସୁଗାର ମିଳୁଛି। ରଣପୁର, ସୁନାଖଳା ଓ ଚାନ୍ଦପୁର ପରେ ଜିଲାର ବ୍ୟବସାୟ ସ୍ଥଳ ଇଟାମାଟିରେ କାରବାର ବଢ଼ିଛି। ପୋଲିସ କିମ୍ବା ଅବକାରୀ ବିଭାଗର ଚଢ଼ାଉ ନାହିଁ। ମଝିରେ ମଝିରେ ଚଢ଼ାଉ ହେଉଥିଲେ ବି ତାହା ଲୋକଦେଖାଣିଆ। କାରଣ ଚଢ଼ାଉ ପୂର୍ବରୁ କୁଆଡେ ଆଗୁଆ ସୂଚନା ଦିଆଯାଉଛି। ଏଣୁ ବ୍ୟବସାୟୀମାନେ ଧରା ପଡୁନାହାନ୍ତି। କାରବାର ବନ୍ଦ କରି ଫେରାର ହୋଇଯାଉଛନ୍ତି। ଅନ୍ୟପକ୍ଷେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ରାଉନସୁଗାର କାରବାର କରାଯାଉନି। ବାରମ୍ବାର ସ୍ଥାନ ବଦଳା ଯାଉଛି। ଜଣେ ବ୍ରାଉନସୁଗାର ବ୍ୟବସାୟୀ କହିଛନ୍ତି, ଖୋର୍ଦ୍ଧାରେ ଏସ୍‌ଟିଏଫ ଚଢ଼ାଉ ପରେ କାରବାର ମାନ୍ଦା ଥିଲା। ଏବେ ଧୀରେ ଧୀରେ କାରବାର ବଢୁଛି। ତେବେ ଖୋର୍ଦ୍ଧା ବଜାର ବର୍ତ୍ତମାନ ସମୟରେ ନିରାପଦ ନୁହେଁ। କାରଣ ରିସ୍କ ନେଇ କରିବାକୁ ପଡୁଛି। ଏଣୁ କିଛି ବ୍ୟବସାୟୀ ଖୋର୍ଦ୍ଧା ଛାଡି ନୟାଗଡ଼ ଜିଲାକୁ ଆପଣେଇଛନ୍ତି। ଏଠାରେ ଝମେଲା ନାହିଁ। ଖର୍ଚ୍ଚ କମ୍, ଲାଭ ଅଧିକ। କେବଳ ବ୍ୟବସାୟ ବଢ଼ାଇବାକୁ କିଛି ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି। ପୋଲିସ, ଅବକାରୀ ବିଭାଗର ଭୟ ନାହିଁ। କାରଣ ଏହି କାରବାର ନେଇ ସାଧାରଣରେ ଅଭିଯୋଗ ନାହିଁ। ଏ ସମ୍ପର୍କରେ ଭାରପ୍ରାପ୍ତ ଏସ୍‌ପି ଦିଲୀପ କୁମାର ସାହାଣୀଙ୍କୁ ପଚାରିବାରୁ ସେ କହିଥିଲେ, ଜିଲାର ରଣପୁର ସମେତ ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗାର ଧରପଗଡ ଚାଲିଛି। ଆଗକୁ ଏହା ତ୍ୱରାନ୍ୱିତ ହେବ।

# ଶ୍ରୀନୀଳମାଧବଙ୍କ ମାଘମେଳା ଆରମ୍ଭ

ଅଜୟ କୁମାର ମହାରଣା

ଖଣ୍ଡପଡା,୫।୨

ଜଗନ୍ନାଥ ସଂସ୍କୃତିର ଆଦି ପୀଠ ଭାବରେ କଣ୍ଟିଲୋର ଶ୍ରୀନୀଳମାଧବ କ୍ଷେତ୍ର ସର୍ବଜନ ବିଦିତ । ନୀଳମାଧବ (ନୀଳ+ମା+ଧବ) ନୀଳ ଶବ୍ଦରୁ ନୀଳ ସୁନ୍ଦର ଜଗନ୍ନାଥ, ମା'ଶବ୍ଦରୁ ଆଦ୍ୟାଶକ୍ତି ମା' ସୁଭଦ୍ରା ଓ ଧବ ଶବ୍ଦରୁ ମହାବଳୀୟାନ ଶିବରୂପୀ ବଳଭଦ୍ର ଅଟନ୍ତି । ଏହି ତ୍ରିଶକ୍ତି ସମାହାରରେ ନୀଳ କନ୍ଦରରେ ପ୍ରଭୁ ଶ୍ରୀନୀଳମାଧବ ଜୀଉ ପୂଜା ପାଉଛନ୍ତି। ନୀଳମାଧବ ମନ୍ଦିର ନିର୍ମାଣର କର୍ତ୍ତା କିଏ, ସେ ବିଷୟରେ ଇତିହାସ ନୀରବ । ଚିତ୍ତବୋଧ ବା ଚିତ୍ତ ବିନୋଦ ପୁରାଣ ଅନୁସାରେ ଦ୍ୱାପର ଯୁଗର ଶେଷ ସମୟର କଥା, ଜରା ଶବର ଧନୁତୀରରେ ନିହତ ହୁଅନ୍ତି ଶ୍ରୀକୃଷ୍ଣ । ତାଙ୍କର ମରଶରୀରକୁ ଦାହ କରାଯାଏ ଅଗ୍ନିରେ । ହେଲେ ଅଗ୍ନି ଗ୍ରାସ କରିପାରେ ନାହିଁ କୃଷ୍ଣଙ୍କ ପିଣ୍ଡ ବ୍ରହ୍ମକୁ। ସେଥିପାଇଁ ପାଣ୍ଡବମାନଙ୍କ ଦ୍ୱାରା ତାଙ୍କର ଦାହ ହୋଇ ନଥିବା ଶରୀରକୁ ସିନ୍ଧୁ ଜଳରେ ବିସର୍ଜନ କରିଦିଆଯାଏ । ଅବଲୀଳକ୍ରମେ,ଶବର ରାଜା ବିଶ୍ୱାବସୁ ସମୁଦ୍ର କୂଳରୁ ଉକ୍ତ ପିଣ୍ଡ ବ୍ରହ୍ମକୁ ଉଦ୍ଧାର କରି ଜଙ୍ଗଲ ଗୁମ୍ଫାକୁ ନେଇ ଆସନ୍ତି । ନୀଳମାଧବ ରୂପ ନେଇ ବ୍ୟାଘ୍ର ଗୁମ୍ଫାରେ ବିଶ୍ୱାବସୁଙ୍କର ଆରାଧ୍ୟ ପାଲଟିଯାଆନ୍ତି ଭଗବାନ । ସୂର୍ଯ୍ୟଙ୍କ ପ୍ରଥମ କିରଣ ନୀଳମାଧବଙ୍କ ପାଦ ପଦ୍ମକୁ ସ୍ପର୍ଶ କରିଥାଏ। ମହାନଦୀର ଦକ୍ଷିଣ ପାର୍ଶ୍ୱରେ ଏହି ନୀଳମାଧବ ଜୀଉଙ୍କ ମନ୍ଦିର ଏକ ପାହାଡ଼ ଉପରେ ଅବସ୍ଥିତ । ମନ୍ଦିରର ଉଚ୍ଚତା ୮୦ ଫୁଟ । ମନ୍ଦିର ଦକ୍ଷିଣ ପାର୍ଶ୍ୱରେ ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର, ଯାହାକି ସୂର୍ଯ୍ୟଙ୍କ ଗତିର ବିପରୀତ ଦିଗକୁ ଢଳିଥାଏ । ପୁରାଣ ବର୍ଣ୍ଣିତ ବିଷ୍ଣୁ ନଖ କୋଣରୁ ଗଙ୍ଗା ଏଠାରେ ଜୀବନ୍ତ । ସେହି ବିଷ୍ଣୁ ପ୍ରତିମ ନୀଳମାଧବ ଜୀଉଙ୍କ ବାମ ପାଦ କାଣି ଆଙ୍ଗୁଠିରୁ ସର୍ବଦା ଗଙ୍ଗା ପ୍ରବାହିତ ହେଉଥିଲେ ମଧ୍ୟ ତତ୍‌ସଂଲଗ୍ନ ଜଳ କୁଣ୍ଡଠାରୁ ଜଳ ଉଚ୍ଛୁଳି ନ ଥାଏ । ଅପର ପକ୍ଷରେ ଦକ୍ଷିଣ ପାର୍ଶ୍ୱ ସିଦ୍ଧେଶ୍ୱର ମହାଦେବଙ୍କ ଶକ୍ତିରେ ଯେତେ ଜଳଲାଗି କଲେ ମଧ୍ୟ ତାହା ସଙ୍ଗେ ସଙ୍ଗେ ପାତାଳଗାମୀ ହୋଇଥାଏ । ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ଜାନି ଯାତ୍ରା ପରି ନୀଳମାଧବ ଜୀଉଙ୍କ ବାର ମାସରେ ତେର ଯାତ୍ରା ପାଳିତ ହୋଇଥାଏ । ସେଥିମଧ୍ୟରୁ ପବିତ୍ର ଭୈମୀ ଏକାଦଶୀ ମେଳା ବା ମାଘ ମେଳା ଅନ୍ୟତମ । ମାଘ ଏକାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି ମେଳା ଅନୁଷ୍ଠିତ ହୋଇଥାଏ। ମେଳା କିନ୍ତୁ ଦୀର୍ଘ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ଚାଲିଥାଏ। ବୁଧବାରଠାରୁ ଆରମ୍ଭ ହୋଇଥିବା ଏହି ମେଳାରେ ଅଂଶଗ୍ରହଣ ନିମନ୍ତେ ରାଜ୍ୟ ତଥା ରାଜ୍ୟ ବାହାରୁ ଶତାଧିକ ବ୍ୟବସାୟ ପ୍ରତିଷ୍ଠାନ କଣ୍ଟିଲୋରେ ଭିଡ଼ ଜମାଇଲେଣି । ମେଳାର ମୁଖ୍ୟ ଆକର୍ଷଣ ହେଉଛି ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ଓ ବିଭିନ୍ନ ଯାତ୍ରା ଦଳର ନାଟକ ପରିବେଷଣ । ବିଶେଷକରି ନୀଳମାଧବ ମନ୍ଦିର ତଟଦେଶରେ ପ୍ରବାହିତ ମହାନଦୀ, ଚିତ୍ରୋତ୍ପଳା, କୁଆଁରିଆ ନଦୀର ସଙ୍ଗମ ସ୍ଥଳ ତ୍ରିବେଣୀ ସଙ୍ଗମରେ ଏକାଦଶୀ ତିଥିରେ ଶ୍ରଦ୍ଧାଳୁମାନେ ବୁଡ ପକାଇ ପୁଣ୍ୟ ଅର୍ଜନ କରିବା ସହ ମୋକ୍ଷ ହେବାର ବିଶ୍ୱାସ ରହିଛି । ଭୈମୀ ଏକାଦଶୀ ନାମକରଣ ସମ୍ପର୍କରେ ପୁରାଣ ବର୍ଣ୍ଣିତ ତଥ୍ୟ ଅନୁଯାୟୀ, ଦ୍ୱିତୀୟ ପାଣ୍ଡବ ଭୀମସେନ ପ୍ରଥମେ ଏହି ଏକାଦଶୀ ବ୍ରତ ପାଳନ କରିଥିବାରୁ ତାଙ୍କ ନାମାନୁଯାୟୀ ଏହା ଭୈମୀ ଏକାଦଶୀ ଭାବେ ବିଦିତ । ଅନ୍ୟପକ୍ଷେ ଓଡ଼ିଶା ପ୍ରସିଦ୍ଧ ଏହି ପର୍ଯ୍ୟଟନ କ୍ଷେତ୍ର ଏବେ ଅବହେଳିତ ଅବସ୍ଥାରେ । ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକ ଏହି ମେଳା ପ୍ରତି ଆକର୍ଷିତ ହୋଇ ଏଠାକୁ ଆସୁଥିବା ବେଳେ ସେମାନଙ୍କ ରହଣି ପାଇଁ ଏଠାରେ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉ ନାହିଁ।



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ନୂଆଗାଁ,୫।୨(ଡି.ଏନ.ଏ.)-ନୟାଗଡ ଜିଲା ନୂଆଗାଁ ଥାନା ନୂଆଗାଁ ଗ୍ରାମର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ସେ ହେଲେ ମାଣଛେଳି ଗ୍ରାମର ରମାକାନ୍ତ ବେହେରା (୨୨) । ନୂଆଗାଁ ଥାନାରେ ପୀଡିତା କରିଥିବା ଅଭିଯୋଗ ଅନୁଯାୟୀ ,ନୂଆଗାଁ କଲେଜ ସମ୍ମୁଖ ପଡିଆରେ ମଙ୍ଗଳବାର ଅନୁଷ୍ଠିତ ମହୋତ୍ସବ ଦେଖୁଥିବା ସମୟରେ ଯୁବକ ଜଣକ ବାରମ୍ବାର ଫୋନ କରି ପୀଡିତାଙ୍କୁ ଗେଟ ପାଖକୁ ଡାକିଥିଲେ । ପୀଡିତା ଗେଟ ପାଖକୁ ଆସି ତାଙ୍କୁ ନ ପାଇ ଘରକୁ ଚାଲି ଆସିଥିଲେ । ସେ ଘର ବାରିପଟକୁ ପରିସ୍ରା କରିବାକୁ ଯାଇଥିବା ସମୟରେ ପୂର୍ବରୁ ଲୁଚି ରହିଥିବା ରମାକାନ୍ତ ତାଙ୍କୁ ବଳାତ୍କାର କରିଥିଲେ । ଏ ବିଷୟରେ ଥାନାରେ ଜଣାଇଲେ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଇଥିଲେ। ତେବେ ପୀଡିତା ଥାନାରେ ଲିଖିତ ଅଭିଯୋଗ କରିବାରେ ପୋଲିସ ଯୁବକକୁ ତାଙ୍କ ଘରୁ ଗିରଫ କରିଥିଲା । ଏ ନେଇ ନୂଆଗାଁ ଥାନାରେ ନଂ ୫/୨୦ରେ ମାମଲା ରୁଜୁ ହୋଇଥିବା ବେଳେ ଗୁରୁବାର କୋର୍ଟ ଚାଲଣ କରାଯିବ ବୋଲି ନୂଆଗାଁ ଥାନା ଆଇ ଆଇ ସି ମନୋରମା ମଲିକ ସୂଚନା ଦେଇଛନ୍ତି ।

### ତ୍ରିନାଥ ମନ୍ଦିର ବାର୍ଷିକୋତ୍ସବ

ବୋଲଗଡ,୫।୨(ଡି.ଏନ.ଏ.): ବୋଲଗଡ଼ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ମନ୍ଦିରରେ ହୋମକାର୍ଯ୍ୟ କରାଯାଇଥିଲା। ଉତ୍ସବରେ ଖୋର୍ଦ୍ଧା ଏସ୍‌ପି ଅଜେୟ୍ ପ୍ରତାପ ସ୍ୱାଇଁ, ଆଡିସନାଲ ଏସ୍‌ପି ମାୟାଧର ସେଠୀ, ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର, ଥାନା ଆଇଆଇସି ସେଖ୍ ଅକବର ଅଲ୍ଲୀଙ୍କ ସମେତ କେତେକ ପଞ୍ଚାୟତର ଲୋକପ୍ରତିନିଧି ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ମାଧମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ଦୃଢୀଭୂତ ହୋଇପାରୁଛି। ସେହିପରି ଶାନ୍ତିଶୃଙ୍ଖଳା ପାଇଁ ଆମ ପୋଲିସ କାର୍ଯ୍ୟକ୍ରମର ଲକ୍ଷ୍ୟ ସଫଳ କରିବାରେ ଏହା ସହାୟକ ହୋଇପାରିବ ବୋଲି ଥାନା ଆଇଆଇସି ଅଲ୍ଲୀ କହିଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି

ବୋଲଗଡ,୫।୨(ଡି.ଏନ.ଏ.): ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତ ପାଟବନ୍ଧର ଶ୍ରୀ ଶ୍ରୀ ପଶ୍ଚିମଶ୍ୱରଦେବଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ଆଞ୍ଚଳିକ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି ସହ ଶେଷ ହୋଇଛି। ସ୍ଥାନୀୟ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ସହଯୋଗରେ ଆୟୋଜକଙ୍କ ଦ୍ୱାରା ଏହା ୪ଦିନ ଧରି ଚାଲିଥିଲା। ପୂର୍ଣ୍ଣାହୁତି ଦେଖିବା ପାଇଁ ବହୁସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ଦିବସରେ ନିମନ୍ତ୍ରିତ ଅତିଥିମାନେ ଯୋଗଦେଇଥିଲା ବେଳେ ପୂର୍ଣ୍ଣାହୁତି ଦିବସରେ ଭାଜପା ନେତା ରିଷଭ ନନ୍ଦ ଉପସ୍ଥିତ ଥିଲେ।

# ୧୪୬ ତାଲିମପ୍ରାପ୍ତ ନିଯୁକ୍ତି ପାଇଁ ମନୋନୀତ

ଓଡ଼ଗାଁ, ୫।୨(ସ୍ୱ.ପ୍ର.)

**ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ମାଧ୍ୟମରେ ନିଯୁକ୍ତି ମେଳା**

ନୟାଗଡ଼ ଜିଲା ଓଡ଼ଗାଁ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଓ ଡାଟା ପ୍ରୋ ଆନୁକୂଲ୍ୟରେ ବୁଧବାର ଏକ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଡାଟା ପ୍ରୋ ଶାଖା ପରିଚାଳକ ବିଭୁଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ଅଧ୍ୟାପକ ଉମେଶ ଚନ୍ଦ୍ର ମହାପାତ୍ର, ଜିଲା ଡାଟା ପ୍ରୋ ମୁଖ୍ୟ ଅନିକେତ ଦାଶ, ଡାଟା ପ୍ରୋ ନିଯୁକ୍ତି ଅଧିକାରୀ ଶୁଭ୍ରାଂଶୁ ଶେଖର ରାଉତରାୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅତିଥିମାନେ ତାଲିମପ୍ରାପ୍ତ ଶିକ୍ଷାର୍ଥୀଙ୍କୁ ଦକ୍ଷତା ବୃଦ୍ଧିର ଆବଶ୍ୟକତା ଓ ଆତ୍ମନିର୍ଭରଶୀଳ ନିମନ୍ତେ ନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ନିଜ ପସନ୍ଦ ଓ ସଫଳତା ଭିତ୍ତିରେ ନିଯୁକ୍ତି ନିମନ୍ତେ ସଂସ୍ଥା ଓ ପ୍ରତିଷ୍ଠାନ ଚୟନ କରିବାକୁ ପରାମର୍ଶ ଦେଇଥିଲେ। ତତ୍ତ୍ୱ ଟେକ୍‌ନୋଲୋଜି, ବିପିଓ କନ୍‌ଭରଜେନ୍ସ, ସିଟି ଲାଇଫ୍, ଜ୍ୟୋତି ମୋଟର୍ସ, ଆଇଟି ୩୬୫, ୟୁନି ଏନ୍‌ସିୟୋର ଆଦି କମ୍ପାନୀ ଯୋଗଦେଇ ଶିକ୍ଷାର୍ଥୀମାନଙ୍କ ସାକ୍ଷାତକାର ନେଇଥିଲେ। ମେଳାରେ ସମୁଦାୟ ୩୧୫ ଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବାବେଳେ ଏମାନଙ୍କ ମଧ୍ୟରୁ ୧୪୬ ଜଣଙ୍କୁ ନିଯୁକ୍ତି ନିମନ୍ତେ ବିଭିନ୍ନ ସଂସ୍ଥା ମନୋନୀତ କରିଥିବା ଜଣାଯାଇଛି । ବାଇଜିନାଥ ସିଂ, ଲୋପାମୁଦ୍ରା ନାୟକ, ଆଲୋକ କୁମାର ଲେଙ୍କା, ଅଜୟ ଦାଶ ଓ ପୁଷ୍ପାଞ୍ଜଳି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ତାଲିମ ପାଇଁ ଆସିଥିବା ଯୁବତୀଯୁବକମାନେ।

# କାଉଁରିପାଟଣା ସାହି ବାରିତଳ ରାସ୍ତାରେ ବର୍ଜ୍ୟଜଳ

ବୋଲଗଡ଼,୫।୨(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତ କାଉଁରୀପାଟଣା ସାହିର ବାରିତଳ ରାସ୍ତାରେ ବର୍ଜ୍ୟଜଳ ଜମିରହି ନର୍ଦ୍ଦମାର ଭ୍ରମ ସୃଷ୍ଟି କରୁଛି। ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ଉକ୍ତ ରାସ୍ତାଟି ରାଜସୁନାଖଳା ଗଣେଶ ବଜାରଠାରୁ ବାହାରି ସାହିର ମଧ୍ୟ ଭାଗରେ ସଂଯୋଗ ହୋଇଛି। ବଜାର ଅଞ୍ଚଳରୁ ସ୍ଥାନୀୟ ଲୋକେ ଏହି ରାସ୍ତା ଦେଇ କାଉଁରୀ ପାଟଣା ସାହିକୁ ଯା'ଆସ କରନ୍ତି। ବିଶେଷ କରି ରାସ୍ତା ପାର୍ଶ୍ୱରେ ରହୁଥିବା ପରିବାର ଲୋକେ ଏହା ଉପରେ ନିର୍ଭରଶୀଳ। ରାସ୍ତାଟି ସମୟକ୍ରମେ ଖାଲୁଆ ହୋଇଯାଇଛି। ପୁଣି ବର୍ଜ୍ୟଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନାହିଁ। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ନଳକୂପ ଜଳ ଖାଲୁଆ ଅଞ୍ଚଳରେ ଜମିରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏଥିରେ ଅଳିଆ ଆବର୍ଜନା ପଡି ଦୁର୍ଗନ୍ଧ ହେଉଥିବାବେଳେ ମଶା ମାଛିଙ୍କ ବଂଶ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ବର୍ଜ୍ୟଜଳରେ ଅଳିଆ ଆବର୍ଜନା ସାଥିକୁ ଅନ୍ୟାନ୍ୟ ପଦାର୍ଥ ପଡି କର୍ଦ୍ଦମାକ୍ତ ପାଲଟିଛି। ଏଥିଯୋଗୁ ଆଖପାଖ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ପୁନରୁଦ୍ଧାର ସହ ଏହା ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।



କାଉଁରୀପାଟଣା ସାହି ବାରିତଳ ରାସ୍ତାରେ ଜମିରହିଛି ବର୍ଜ୍ୟଜଳ।

# ନୂଆଗାଁ କଳା, ସଂସ୍କୃତି ଓ ବୀରପୁତ୍ରଙ୍କ ଜନ୍ମମାଟି

ନୂଆଗାଁ,୫।୨(ଡି.ଏନ.ଏ.)

**ପଞ୍ଚୁ ପାଣ୍ଡବ ମହୋତ୍ସବ ଉଦ୍‌ଯାପିତ**

ନୟାଗଡ ଜିଲା ନୂଆଗାଁ ବ୍ଲକ ପଞ୍ଚୁପାଣ୍ଡବ ମହୋତ୍ସବର ମଙ୍ଗଳବାର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏକ ସ୍ମରଣିକା ପାଞ୍ଚାଳୀକୁ ଅତିଥିମାନେ ଉନ୍ମୋଚନ କରିବା ସହ ପଞ୍ଚୁପାଣ୍ଡବ ମହୋତ୍ସବକୁ ଉଚ୍ଚ ପ୍ରଶଂସା କରିଛନ୍ତି । ନୂଆଗାଁ କଲେଜ ସମ୍ମୁଖ ପଡିଆରେ ରବିବାର ଠାରୁ ଆରମ୍ଭ ହୋଇ ତିନି ଦିନ ବ୍ୟାପୀ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ସବର ପ୍ରତ୍ୟେକ ଦିନ ନୂଆଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାର ତଥା ସ୍କୁଲ କଲେଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେଉଥିବାବେଳେ ସନ୍ଧ୍ୟା ସମୟରେ ସଭା ପରେ ଆଦିବାସୀ ନୃତ୍ୟ ପରିବେଷଣ କରା ଯାଇଥିଲା । ଯାହାକି ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଥିଲା । ସଂଗୀତ ବିଶାରଦ ମଦନମୋହନ ପ୍ରଧାନ ଓ ନୂଆଗାଁ ମହାବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଅତିଥିମାନେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କାରିବା ସହ ମହୋତ୍ସବ ମାଧ୍ୟମରେ ପ୍ରତିଭା ଲୋକ ଲୋଚନକୁ ଆସି ପାରିବ ବୋଲି କହିଥିଲେ । ଯୁକ୍ତ ତିନି ଡିଗ୍ରୀ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶିତ ପେଣ୍ଟେଡ ମେଡିସିନ ନାଟକରେ ଦର୍ଶକମାନେ ବିଭୋର ହୋଇଯାଇଥିଲେ। ନୂଆଗାଁ ବ୍ଲକ ହେଉଛି କଳା, ସଂସ୍କୃତି, ଐତିହ୍ୟ ତଥା ବୀର ପୁତ୍ରଙ୍କ ଜନ୍ମ ମାଟି । ସମସ୍ତଙ୍କୁ ଏକାଠି କରି ଭାଇଚାରା ସୃଷ୍ଟି କରିବାର ପର୍ବ ହେଉଛି ଏହି ମହୋତ୍ସବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବର ଉଦ୍‌ଯାପନୀ ଦିବସରେ ଯୋଜନା ଓ ସଂଯୋଜକ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି ଲୋକନାଥ ସାହୁ, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ନୟାଗଡ ବ୍ଲକ ଅଧ୍ୟକ୍ଷ ଗୋଲାପ ବେହେରା, ଜିଲାପରିଷଦ ସଭ୍ୟ ମହେଶ୍ୱର ମହାରଣା, ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ପ୍ରମୋଦ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ । ଉଦ୍‌ଯାପନୀ ସଭା ପରେ କଣ୍ଠଶିଳ୍ପୀ ଦିପ୍ତୀରେଖାଙ୍କ ଗୀତର ତାଳେତାଳେ ଦର୍ଶକ ଝୁମିଥିଲେ। ମହୋତ୍ସବ ପଡିଆକୁ ପଲିଥିନ ମୁକ୍ତାଞ୍ଚଳ ଘୋଷଣା ଓ ମହିଳାମାନଙ୍କୁ ଗୁରୁତ୍ୱ ଦେଇ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିବାରୁ ଉତ୍ସବ ଅତି ପ୍ରଶଂସନୀୟ ହୋଇପାରିଥିଲା।




ଅତିଥିମାନଙ୍କୁ ଦଶପଲା ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

# ରତନପୁରରେ ତ୍ରିନାଥଦେବଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୫।୨(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ବଡବାଣପୁର ପଞ୍ଚାୟତ ଅନ୍ତର୍ଗତ ରତନପୁରସ୍ଥ ଶ୍ରୀତ୍ରିନାଥ ଦେବଙ୍କ ୧୯ତମ ବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୋମବାର ଅଧିବାସ ଉପଲକ୍ଷେ ଗ୍ରାମବାସୀଙ୍କ ପକ୍ଷରୁ ଏକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଠାକୁରଙ୍କ ପୀଠରେ ସ୍ଥାପନ କରାଯାଇଥିଲା । ପୂର୍ବାହ୍ନରୁ ଠାକୁରଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ ଅନୁଷ୍ଠିତ ହୋଇ ଅପରାହ୍ନ ପ୍ରାୟ ସାଢେ ୪ଟାବେଳକୁ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଭାପୁର,୫।୨(ଡି.ଏନ୍.ଏ.)

ଭାପୁର ଗ୍ରାମର ଆରାଧ୍ୟ ଦେବତା ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଛି। ସୋମବାର ମଣ୍ଡଳୀକରଣ, କଳସଯାତ୍ରା ଓ ବୃଷଭ ପ୍ରତିଷ୍ଠା ପରେ ମଙ୍ଗଳବାରଠାରୁ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ଏଥିରେ ଚାଉପଲ୍ଲୀ, ଭାପୁର ଓ ଗୋପୀନାଥପୁର ଗ୍ରାମର ମହିଳା ମଣ୍ଡଳ ସହ ସରପୋଖରୀ, ମିଟୁଆଣି, ବେଣାଗାଡ଼ିଆ, ଦରଦା ଗ୍ରାମର ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ଭଜନ ସମାରୋହ ସହ ବୁଧବାର ରାତିରେ ସାମାଜିକ ନାଟକ 'ଗୁପ୍ତ ସମ୍ପର୍କ' ମଞ୍ଚସ୍ଥ ହୋଇଥିଲା। ଶେଷ ଦିନରେ ନଗରକୀର୍ତ୍ତନ ଗ୍ରାମ ପରିକ୍ରମା କରିଥିଲା।



ସଂକୀର୍ତ୍ତନ ମଣ୍ଡଳୀ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୫।୨(ଡି.ଏନ୍.ଏ.)

**ତାମାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ**

- ଧାରଣାରେ ବସିଛନ୍ତି ଛାତ୍ରୀଛାତ୍ର, ଅଭିଭାବକ
- ବର୍ଷାରେ ଭିଜିଲେ, ପହଞ୍ଚିଲାନି ପ୍ରଶାସନ

ଦାରିଙ୍ଗବାଡ଼ି ବ୍ଲକ ଦୁର୍ଗମ ପଞ୍ଚାୟତ ହାତୀମୁଣ୍ଡାର ତାମାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକରେ ବୁଧବାର ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ଶିକ୍ଷକ ପଦବୀ ପୂରଣ ସହ ବିଦ୍ୟାଳୟରେ ଲାଗିରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଧାରଣାରେ ବସିଛନ୍ତି। ମହାତ୍ମା ଗାନ୍ଧୀ ଏବଂ ଡ. ଆମ୍ବେଡକରଙ୍କ ଫଟୋଚିତ୍ର ରଖି ବିକ୍ଷୋଭ ଚାଲିଛି। ବର୍ଷା ସତ୍ତ୍ୱେ ମଧ ଧାରଣା ଜାରି ରହିଛି। ଖବର ଲେଖାହେବା ସୁଦ୍ଧା ପ୍ରଶାସନ ପହଞ୍ଚି ନାହିଁ।

ତାମାଙ୍ଗି ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ମୋଟ ୧୫୭ ଜଣ ଛାତ୍ରୀଛାତ୍ର ରହିଛନ୍ତି। ମାତ୍ର ୪ଟି କ୍ଲାସରୁମ୍ ରହିଥିବାବେଳେ, ପ୍ରଧାନ ଶିକ୍ଷକ ଭାବେ ଜଣେ ଶିକ୍ଷାସହାୟକ ଦାୟିତ୍ୱ ତୁଲାଉଛନ୍ତି। ତାଙ୍କୁ ମିଶାଇ ୬ ଜଣ ଶିକ୍ଷକ ୧୦ଟି ଶ୍ରେଣୀକୁ ପାଠପଢ଼ାଉଛନ୍ତି। ବୁଧବାର ସୁଦ୍ଧା ସମସ୍ୟା ସମାଧାନ ପାଇଁ ଅଞ୍ଚଳବାସୀ ଡେଡ୍‌ଲାଇନ୍ ଦେଇଥିଲେ। ଏହାପୂରଣ ପରେ ଧାରଣାକୁ ଓହ୍ଲାଇଛନ୍ତି। ପ୍ରମୁଖ ଦାବି ଗୁଡିକ ମଧ୍ୟରେ ରହିଛି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ, ଶ୍ରେଣୀଗୃହ, ପାଚେରି, ଖେଳପଡ଼ିଆ ନିର୍ମାଣ ସହ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ପ୍ରଦାନ ବ୍ୟବସ୍ଥା କରିବା। ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ଏବଂ ଅଭିଭାବକ କମିଟି ଦାବି ପୂରଣ ପାଇଁ ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ବହୁବାର ଅଭିଯୋଗ କରିଥିଲେ। ପ୍ରଶାସନ ବାରମ୍ବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୧୮ ନଭେମ୍ବର ୬ରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର ଶିକ୍ଷକ ପଦବୀ ପୂରଣ ବଦଳରେ ଏଠାରୁ ଅନ୍ୟତ୍ର ବଦଳି କରିଦିଆଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ୨୦୧୫ରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ଘୋଷଣା କରାଗଲା। ପୂର୍ବରୁ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ରହିଥିବାବେଳେ ପରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ଖୋଲାଗଲା। ମାତ୍ର ଶିକ୍ଷକ ନିଯୁକ୍ତି ହେଲେନାହିଁ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନେ ହିଁ ନବମ ଏବଂ ଦଶମ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଫଳରେ ଗୁଣାତ୍ମକ ଶିକ୍ଷା ମିଳୁ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ବିଜ୍ଞାନ, ଗଣିତ, ଇଂଲିଶ, ସଂସ୍କୃତ, ହିନ୍ଦୀ, ଖେଳ ଶିକ୍ଷକ ଶୀଘ୍ର ନିଯୁକ୍ତି ପାଇଁ ପ୍ଲାକାର୍ଡ ଧରି ଦାବି ଜଣାଇଛନ୍ତି। ବୁଧବାର ବର୍ଷା ଲାଗିରହିଥିଲେ ମଧ୍ୟ ଆନ୍ଦୋଳନ ଜାରି ରହିଛି। ଖବର ଲେଖାଯିବା ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବାରୁ ଉତ୍ତେଜନା ଦେଖାଦେଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ପୂର୍ବତନ ସମିତିସଭ୍ୟ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉପେନ୍ଦ୍ର ବଳିଆର ସିଂ କହିଛନ୍ତି।

ଏନେଇ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଏବେ ତାମାଙ୍ଗି ହାଇସ୍କୁଲ ପାଇଁ ଶିକ୍ଷକ ପଦବୀ ପୂରଣ କରିବା ସମ୍ଭବ ନୁହେଁ। ଆବଶ୍ୟକ ପଦବୀ ପୂରଣ ପାଇଁ ଶିକ୍ଷକ ଅଭାବ ରହିଛି। ଉକ୍ତ ବିଦ୍ୟାଳୟର ୨ ଜଣ ଶିକ୍ଷକ ଅନ୍‌ଲାଇନରେ ବଦଳି ପାଇଁ ଆବେଦନ କରିଥିଲେ। ତାଙ୍କ ବଦଳି ପରେ ସେଠାରେ ଦୁଇଜଣ ଏମ୍‌ଏ (ଏମ୍‌ଇଡି) ଶିକ୍ଷକଙ୍କୁ ଦିଆଯାଇଛି। ସେମାନେ ହିଁ ଏବେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କୁ ପଢ଼ାଇବେ।



ବିଦ୍ୟାଳୟରେ ତାଲା ପକାଇ ବିକ୍ଷୋଭ ଚାଲିଛି।